**ହରିହର କ୍ଷେତ୍ରରୁ ପୁରୀ ଶ୍ରୀକ୍ଷେତ୍ରକୁ ଦଣ୍ଡ ପ୍ରଣାମ ଯାତ୍ରା**

ଚାରିଛକ, (ଶିଶିର ସ୍ୱାଇଁ)-ବିଶ୍ୱ ମଙ୍ଗଳ ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ଜିଲାର ଗଙ୍ଗାଧର ସାମଲ ହରିହର କ୍ଷେତ୍ରରୁ ଦଣ୍ଡ ପ୍ରଣାମ କରି ଶନିବାର ଚାରିଛକସ୍ଥିତ ଏକାନ୍ତ ଆଶ୍ରମଠାରେ ପହଞ୍ଚିଛନ୍ତି। ନଭେମ୍ବର ୨୩ରୁ ଗଙ୍ଗାଧର କେନ୍ଦ୍ରାପଡ଼ା ଗରଦପୁର ବ୍ଲକ ବନ୍ଧସାହି ମାହାଳସାହି ଗ୍ରାମରୁ ଯାତ୍ରା ଆରମ୍ଭ କରି ଥିଲେ। ଆଶ୍ରମର ନନ୍ଦ ବାବା ଜଳ ତୁଳସୀ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଜଗତର ନାଥ ଜଗନ୍ନାଥ ଓ ମା' ପାଟବାସୁଳିଙ୍କ ସ୍ୱପ୍ନାଦେଶରେ ଏହି ଦଣ୍ଡ ପ୍ରଣାମ ଯାତ୍ରା ଆରମ୍ଭ କରିଥିବା ଭକ୍ତ ଗଙ୍ଗାଧର କହିଥିଲେ। ଏହି ଯାତ୍ରା ସମୟରେ ତାଙ୍କ ସହଯୋଗୀ ପୁତ୍ର ସାରଥୀ ପ୍ରସାଦ ସାମଲ, ଅରୁଣ ଓଝା ଓ ବନମାଳୀ ବାରିକ୍ ସହାୟତା କରିଥିଲେ। ଗଙ୍ଗାଧରଙ୍କୁ ଦଣ୍ଡ ପ୍ରଣାମ ଯାତ୍ରା ସମୟରେ ବିଭିନ୍ନ ସ୍ଥାନରେ ନାମକୀର୍ତ୍ତନ ମାଧ୍ୟମରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୮।୧୨।୨୦୨୪

| | |
|---|---|
| ୬,୫୯,୧୪୯ ଟଙ୍କା | |
| ସୁନା | ୦.୫୨୦ ଗ୍ରାମ୍ |
| ରୁପା | ୧୦୯.୭୫୦ ଗ୍ରାମ୍ |

# ନୂଆବର୍ଷ ପାଇଁ ପୁରୀରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

■ ୩୧ରୁ ଜାନୁଆରୀ ୧ ତାରିଖ ଯାଏ କଟକଣା ବଳବତ୍ତର
■ ସୁରକ୍ଷା ଦାୟିତ୍ୱରେ ୬୦ ପ୍ଲାଟୁନ୍ ଫୋର୍ସ ଓ ୧୦୦ ବରିଷ୍ଠ ପୋଲିସ ଅଧିକାରୀ

ପୁରୀ,୨୮।୧୨(ଅଜିତ୍ କୁମାର ମହାନ୍ତି)

ଦିନ କେଇଟା ପରେ ଇଂଲିଶ ନବବର୍ଷ ୨୦୨୪ ବିଦାୟ ନେବ ଏବଂ ୨୦୨୫ ଆଗମନ କରିବ। ବିଦାୟ ଦେବା ଓ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଶ୍ରଦ୍ଧାଳୁମାନେ ଏବେଠାରୁ ପୁରୀମୁହାଁ ହେବାରେ ଲାଗିଲେଣି। ନୂଆ ବର୍ଷ ଯେତିକି ସମୟ ପାଖେଉଛି, ଭକ୍ତ ଓ ପର୍ଯ୍ୟଟକଙ୍କ ସଂଖ୍ୟା ସେହିପରି ଭାବେ ବୃଦ୍ଧି ପାଇବାରେ ଲାଗିଛି। ପୁରୀରେ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି। ସେହିପରି ଯେପରି ଭକ୍ତମାନେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସୁଲଭ ତଥା ଶୃଙ୍ଖଳିତ ଦର୍ଶନ କରିବେ ସେ ନେଇ ବ୍ୟାପକ ଫୋର୍ସ ମୁତୟନ କରାଯିବା ସହ ବେଳାଭୂମିରେ ଲାଇଫଗାର୍ଡ ଓ ଅଗ୍ନିଶମ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି।

ବ୍ୟବସ୍ଥା ସମ୍ପର୍କରେ ଏସ୍‌ପି ବିନୀତ୍ ଅଗ୍ରୱାଲ କହିଛନ୍ତି, ନୂଆବର୍ଷକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଯେପରି ଟ୍ରାଫିକ ସମସ୍ୟା ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ଯେଉଁ ଭକ୍ତ ଓ ପର୍ଯ୍ୟଟକ ଭୁବନେଶ୍ୱର ପଟୁ ଆସିବେ ସେମାନେ ତାଙ୍କ ଗାଡ଼ିଗୁଡ଼ିକ ଜେଲ ରୋଡ ଏବଂ ଶରଧାବାଲି ପାର୍କିଂରେ ବ୍ୟବସ୍ଥା କରାଯାଇଛି। କୋଣାର୍କ ଆଡୁ ଆସୁଥିବା ଗାଡ଼ିଗୁଡ଼ିକ ତାଳବଣିଆ ପଡ଼ିଆ, ବ୍ରହ୍ମଗିରି ପଟୁ ଆସୁଥିବା ଗାଡ଼ିଗୁଡ଼ିକ ମଙ୍ଗଳାଘାଟ ଛକଠାରୁ ଷ୍ଟର୍ଲିଙ୍ଗ ଆଡକୁ ଯାଇ ଷ୍ଟର୍ଲିଙ୍ଗ ଏବଂ ଯାତ୍ରୀକାରେ ପାର୍କିଂ କରିବେ। ମେଡିକାଲ ଛକରୁ ମେଡିକାଲ ଏବଂ ମେଡିକାଲ ଛକରୁ ସୁଭାଷ ବୋଷ ଏବଂ ସୁଭାଷ ବୋଷ ଛକରୁ ଲାଇଟ୍ ହାଉସ ଛକ ପର୍ଯ୍ୟନ୍ତ ନୋ ଭେଇକିଲ ଜୋନ୍ କରାଯିବ। କେବଳ ଦୁଇ ଚକିଆ ଗାଡ଼ି ଚଳାଚଳ କରିବାକୁ ଅନୁମତି ପ୍ରଦାନ କରାଯିବ, କିନ୍ତୁ ଚାରିଚକିଆ ଯାନ ଉକ୍ତ ରାସ୍ତାରେ ଯାତାୟାତ ନିମନ୍ତେ କଟକଣା ଲଗାଯିବ। ତେଣୁ ସମସ୍ତ ବ୍ୟକ୍ତିବିଶେଷ ପୋଲିସର କଟକଣାକୁ ମାନିବାକୁ ଅନୁରୋଧ କରାଯାଉଛି। କଟକଣା ଡିସେମ୍ବର ୩୧ ତାରିଖ ସକାଳୁ କାର୍ଯ୍ୟକାରୀ କରାଯିବ। ଜାନୁଆରୀ ୧ ତାରିଖ ଦିନ ତମାମ ଗହଳି ଥିବା ପର୍ଯ୍ୟନ୍ତ ଏହି ନିୟମ ବଳବତ୍ତର ରହିବ। ପୁରୀ ସହର ପୂରା ସିସିଟିଭି ନଜରରେ ରହିବ। ଗୋଟିଏ କଣ୍ଟ୍ରୋଲ ରୁମ୍‌ରୁ ନଜର ରଖାଯିବ। ଟ୍ରାଫିକ, ଜନଗହଳିକୁ ନିୟନ୍ତ୍ରଣ କରାଯାଇପାରିବ। ଭକ୍ତ ଓ ପର୍ଯ୍ୟଟକଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ। ବେଳାଭୂମିରେ ଯେପରି ଭକ୍ତମାନେ ସୁରକ୍ଷିତ ଭାବେ ସ୍ନାନ କରିପାରିବେ ସେଥିନିମନ୍ତେ ବେଳାଭୂମିରେ ସ୍ୱତନ୍ତ୍ର ପୋଲିସ ଫୋର୍ସ ମୁତୟନ କରାଯିବ। ଏହାଛଡ଼ା ପର୍ଯ୍ୟାପ୍ତ ପରିମାଣର ଲାଇଫ ଗାର୍ଡ, ଅଗ୍ନିଶମ କର୍ମଚାରୀଙ୍କୁ ନିୟୋଜନ କରାଯାଉଛି। ୬୦ ପ୍ଲାଟୁନ ପୋଲିସ ଫୋର୍ସ ଏବଂ ୧୦୦ ଜଣ ବରିଷ୍ଠ ପୋଲିସ ଅଧିକାରୀ ସୁରକ୍ଷା ଦାୟିତ୍ୱରେ ରହିବେ। ପୁରୀ ସହରର ତିନୋଟି ପ୍ରବେଶ ପଥରେ ପୋଲିସ ପକ୍ଷରୁ ନାକା ଲଗାଯାଇ ପୁରୀକୁ ଆସୁଥିବା ଗାଡ଼ିଗୁଡ଼ିକୁ ଯାଞ୍ଚ କରାଯାଉଛି। ସେହିପରି ଜିରୋ ନାଇଟ୍ ସେଲିବ୍ରେଶନକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ଏସ୍‌ପି କହିଛନ୍ତି।

## ସଂକ୍ଷେପରେ

### ଅଟୋ ଆସୋସିଏଶନ, ବସ୍ ଚାଳକଙ୍କ ସହ ଏସ୍‌ପିଙ୍କ ଆଲୋଚନା

ପୁରୀ,୨୮।୧୨(ଅଜିତ୍ କୁମାର ମହାନ୍ତି)

ନୂଆବର୍ଷ ପାଇଁ ଭକ୍ତ ଏବଂ ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି ପୁରୀ ଆରକ୍ଷୀ ଅଧୀକ୍ଷକ ବିନୀତ୍ ଅଗ୍ରୱାଲ ଶନିବାର ପୁରୀ ଅଟୋ ଆସୋସିଏଶନ ଏବଂ ବସ୍ ଚାଳକଙ୍କ ସହ ଟାଉନ ଥାନା ପରିସରରେ ଏକ ଆଲୋଚନା କରିଥିଲେ। ଟ୍ରାଫିକ ସମସ୍ୟା କିପରି ସମାଧାନ କରାଯାଇପାରିବ, ସେନେଇ ବୈଠକବସିଥିଲା। ନୂଆବର୍ଷ ସୂଚାରୁରୂପେ ପାଳିତ ହେବା ନେଇ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ। ଗହଳି ରହୁଥିବାରୁ ଅଟୋଗୁଡ଼ିକୁ ବିଭିନ୍ନ ସାହି ଗଳିରେ ଭର୍ତ୍ତି ନ କରିବାକୁ କହିଥିଲେ। ସେହିପରି ସ୍ୱେଚ୍ଛାସେବୀଙ୍କ ସହ ଏସ୍‌ପି ଆଲୋଚନା କରିଥିଲେ। ଯେପରି ଭକ୍ତଙ୍କୁ ସୁବିଧାର ଦର୍ଶନ କରାଇବା, ବରିଷ୍ଠ ନାଗରିକ ଶୃଙ୍ଖଳିତ ଦର୍ଶନ ଉପରେ ଆଲୋଚନା ହୋଇଥିଲା। ଏଥିରେ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

### ପାଚିକା, ସହାୟକଙ୍କୁ ତାଲିମ

ପିପିଲି,୨୮।୧୨(ଦୁର୍ଗା ମାଧବ ମିଶ୍ର)

ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ୫୫ ସ୍କୁଲର ୧୦୦ ଜଣ ପାଚିକା ଓ ତାଙ୍କ ସହାୟକଙ୍କୁ ଶନିବାର ଗୋବିନ୍ଦପୁର ନୋଡାଲ ୟୁପି ସ୍କୁଲରେ ପିଏମ୍ ପୋଷଣ ଯୋଜନାରେ ତାଲିମ ପ୍ରଦାନ କରାଯାଇଛି। ଶିବିରକୁ ଏବିଇଓ ଲକ୍ଷ୍ମୀପ୍ରିୟା ନାୟକ ଉଦ୍‌ଘାଟନ କରିଥିଲେ । ସିଆର୍‌ସିସି ବୈକୁଣ୍ଠ ବିଶ୍ୱାଳ, ଭଗବାନ ସାହୁ ତାଲିମ ପ୍ରଦାନ କରିଥିଲେ। ସିଆର୍‌ସିସି ଚିନ୍ତାମଣି ଓଝା, ପୂର୍ଣ୍ଣଚନ୍ଦ୍ର ବେହେରା, ବଟକୃଷ୍ଣ ସାହୁ, ଡାଟା ଏଣ୍ଟ୍ରି ଅପରେଟର ରୋଜାଲିନ ସେନାପତି, ପ୍ରଧାନ ଶିକ୍ଷୟିତ୍ରୀ ମଧୁଛନ୍ଦା ମିଶ୍ର, ବାସନ୍ତୀ ତ୍ରିପାଠୀ, ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ପ୍ରଧାନ, ଉମେଶ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ପ୍ରଥମେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ରୋଷେୟାଙ୍କ ମଧ୍ୟରେ ବିଭିନ୍ନ ପୁଷ୍ଟିକର ରନ୍ଧା ଖାଦ୍ୟ ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟରେ ରୋଷେଇ ସମୟରେ ପରିଷ୍କାର ପରିଚ୍ଛନ୍ନ ପରିବେଶରେ ଖାଦ୍ୟ ପ୍ରସ୍ତୁତି ସହ ପିଲାଙ୍କୁ ପରିବେଷଣ ଆଦି ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ରୋଷେଇ ସମୟରେ ଯେପରି ସମସ୍ତେ ଆପ୍ରୋନ ଓ ହେଡକ୍ୟାପ ବ୍ୟବହାର କରିବେ, ସେଥିପ୍ରତି ଦୃଷ୍ଟି ଦିଆଯାଇଥିଲା।

## ବିଳମ୍ବିତ ନ୍ୟାୟ ଅନ୍ୟାୟ ସହ ସମାନ

ପୁରୀ,୨୮।୧୨(ଅଜିତ୍ କୁମାର ମହାନ୍ତି)




ପୁରୀ ଅଟଳ ବିଚାର ମଞ୍ଚ ପକ୍ଷରୁ 'ନ୍ୟାୟ ଦୁର୍ଲଭ ଓ ଦୁଷ୍ପ୍ରାପ' ଶୀର୍ଷକ ଆଲୋଚନାଚକ୍ର ରାଣୀସତୀ ଭବନ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ଅଧ୍ୟକ୍ଷ ଆଇନଜୀବୀ ବିନୟ ନରସିଂହ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ମଞ୍ଚ ସମ୍ପାଦକ ବିଶ୍ୱନାଥ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଅଭିଭାଷଣ ଦେଇଥିଲେ। ମୁଖ୍ୟ ଅତିଥିଭାବେ ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥିଭାବେ ବିନୋଦ କୁମାର ପଣ୍ଡା, ସାମାଜିକ କର୍ମୀ ପ୍ରଦୀପ କୁମାର ପ୍ରଧାନ ଏବଂ ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା ତଥା ସ୍ତମ୍ଭକାର ପ୍ରଦ୍ୟୁମ୍ନ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଭାରତ ବର୍ଷରେ ୫ଲକ୍ଷ ବିଚାରାଧୀନ ମାମଲା ପଡ଼ିରହିଥିବା ବେଳେ ସେଥିମଧ୍ୟରୁ ୭୦% ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବିଚାରାଧୀନ ରହିଛି। ତେଣୁ ବିଳମ୍ବିତ ନ୍ୟାୟ ଅନ୍ୟାୟ ସହ ସମାନ ବୋଲି ମୁଖ୍ୟ ଅତିଥି ମଲ୍ଲିକ ମତବ୍ୟକ୍ତ କରିଥିଲେ। ନ୍ୟାୟିକ ପ୍ରକ୍ରିୟାରେ ବ୍ୟାପକ ସଂସ୍କାରର ଆବଶ୍ୟକତା ରହିଛି। ଜାତୀୟ ନ୍ୟାୟିକ ଆୟୁକ୍ତ ଏ ଦିଗରେ ବିଚାର କରିବାର ସମୟ ଉପନୀତ ହୋଇଛି ବୋଲି ମୁଖ୍ୟବକ୍ତା ଶତପଥୀ କହିଥିଲେ। ଶେଷରେ ଅଟଳ ମଞ୍ଚର ସଦସ୍ୟା ଲକ୍ଷ୍ମୀପ୍ରିୟା ସାହୁ ଧନ୍ୟବାଦ ଦେଇଥିଲେ।

## ନରସିଂହପୁର ମାଇନର କେନାଲ ପାଲଟିଛି ନର୍ଦ୍ଦମା

ଯୋଗେଶ୍ୱରପୁର,୨୮।୧୨(ରଶ୍ମିରଞ୍ଜନ ସାହୁ)

ନୟାହାଟସ୍ଥିତ କୁଣ୍ଢେଇ କେନାଲରୁ ବାହାରିଥିବା ନରସିଂହପୁର ମାଇନର କେନାଲ ଏବେ ନର୍ଦ୍ଦମାରେ ପରିପୂର୍ଣ୍ଣ ହୋଇଛି। ନୟାହାଟ ବଜାର ଦେଇ ଯାଇଥିବା ଉକ୍ତ ମାଇନର କେନାଲ ପ୍ରତିବର୍ଷ ଜଳସେଚନ ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ସଫା ସୁତୁରା କରାଯାଉଛି। ହେଲେ ଅଞ୍ଚଳର କେତେଜଣ ବ୍ୟବସାୟୀ ତାଙ୍କ ବ୍ୟବହୃତ ଠୋଲା ଓ ଅନ୍ୟାନ୍ୟ ଜିନିଷ ଏହି କେନାଲରେ ଫିଙ୍ଗିବା ଫଳରେ ଦିନକୁ ଦିନ ତାହା ପୋତି ହୋଇ ଜଳ ଧାରଣ ଶକ୍ତି ହରାଉଛି। ଏ ସମ୍ପର୍କରେ ପାଣିଛତ୍ର ସେକ୍ସନର ସହକାରୀ ଯନ୍ତ୍ରୀ ତପନ କୁମାର ନାୟକଙ୍କୁ ପଚାରିବାରୁ, ଅଳିଆ ଗଦା କରୁଥିବା ବ୍ୟବସାୟୀଙ୍କୁ ଠାବ କରାଯାଇ ସେମାନଙ୍କ ବିରୋଧରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

## ଲ୍ୟୁଟ୍‌ନାଣ୍ଟ ଅଭିଷେକ ବେହେରାଙ୍କୁ ସମ୍ବର୍ଦ୍ଧନା

ସାକ୍ଷୀଗୋପାଳ,୨୮।୧୨(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)



ଅଭିଷେକ ବେହେରାଙ୍କୁ କାଦୁଆବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା କରାଯାଉଛି।

ଭାରତୀୟ ସେନା ବାହିନୀରେ ସତ୍ୟବାଦୀର ନବନିଯୁକ୍ତ ଲ୍ୟୁଟ୍‌ନାଣ୍ଟ ଅଭିଷେକ ବେହେରାଙ୍କୁ ଶନିବାର ନିଜ ଜନ୍ମମାଟିରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ସତ୍ୟବାଦୀ ବ୍ଲକ ଅନ୍ତର୍ଗତ କାଦୁଆ ପଞ୍ଚାୟତ କାଦୁଆ ଗ୍ରାମର ଅଭିଷେକ ବେହେରା ଭାରତୀୟ ସେନାରେ ଲ୍ୟୁଟ୍‌ନାଣ୍ଟ ଅଧିକାରୀ ଭାବେ ଇଣ୍ଡିଆନ ମିଲିଟାରି ଏକାଡେମୀ, ଡେରାଡୁନ୍‌ଠାରେ ଚଳିତ ମାସରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ତାଙ୍କର ଏହି ସଫଳତା ଫଳରେ କାଦୁଆ ଗ୍ରାମବାସୀଙ୍କ ତରଫରୁ କାଦୁଆ କୋଠଘରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଗ୍ରାମବାସୀଙ୍କ ତରଫରୁ ଲ୍ୟୁଟ୍‌ନାଣ୍ଟ ବେହେରାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଲ୍ୟୁଟ୍‌ନାଣ୍ଟ ବେହେରାଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। କାଦୁଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ବାଉରିବନ୍ଧୁ ମହାପାତ୍ର, ବାନାମ୍ବର ସାହୁ, ଗୋପାଳ ଚନ୍ଦ୍ର ପଣ୍ଡା, ଗୋବିନ୍ଦ ଚନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ସାହୁ ଓ ସୁରେଶ କୁମାର ସାହୁଙ୍କ ସମେତ ଗ୍ରାମବାସୀ ବୃନ୍ଦ ଉପସ୍ଥିତ ଥିଲେ। ବେହେରା ସତ୍ୟବାଦୀର ବରିଷ୍ଠ ଖବରଦାତା ଅଶୋକ ବେହେରା ଓ ଚିନାମଣି ମଣିଆଙ୍କ ସୁପୁତ୍ର।

## ଫେବୃଆରୀ ୨ରୁ ଶ୍ରୀଶ୍ରୀ ଅଷ୍ଟଲକ୍ଷ୍ମୀ ମହାଯଜ୍ଞ

ଭୁବନେଶ୍ୱର,୨୮।୧୨ (ସୌମ୍ୟରଞ୍ଜନ ରାଉତ)

ପ୍ରଥମଥର ପାଇଁ ଓଡ଼ିଶାବାସୀଙ୍କ ଶାନ୍ତି, ସମୃଦ୍ଧି ଓ କଲ୍ୟାଣ ତଥା ପରିବେଶ ଏବଂ ବାୟୁମଣ୍ଡଳ ଉଦ୍ଦେଶ୍ୟରେ ଶ୍ରୀଶ୍ରୀ ଅଷ୍ଟଲକ୍ଷ୍ମୀ ମହାଯଜ୍ଞ ଆୟୋଜନ କରାଯାଉଛି। ଫେବୃଆରୀ ୨ ଶ୍ରୀପଞ୍ଚମୀଠାରୁ ୧୦ ତାରିଖ ମାଘ ଶୁକ୍ଳ ତ୍ରୟୋଦଶୀ ପର୍ଯ୍ୟନ୍ତ ଏହି ମହାଯଜ୍ଞ ପୁରୀ ବ୍ରହ୍ମଗିରି ରାସ୍ତା ଗିରଳ ଛକ ନିକଟ ଶାମୁକା ପ୍ରକଳ୍ପ ପାଖରେ ଅନୁଷ୍ଠିତ ହେବ। ଏନେଇ ପୂଜାନନା ଯଜ୍ଞ ଫାଉଣ୍ଡେଶନ ଓ ପରିବର୍ତ୍ତନ ଓଡ଼ିଶା ପକ୍ଷରୁ ଶନିବାର ସୂଚନା ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ମହାଯଜ୍ଞରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ୧୫୧ଜଣ ବୈଦିକ ବ୍ରାହ୍ମଣ ଯୋଗଦେବେ। ପଣ୍ଡିତମାନେ ଆଧ୍ୟାତ୍ମିକ, ମାନସିକ, ଭାବାବେଗ ସହ ଲୋକଙ୍କୁ ଯୋଡ଼ିବା ପାଇଁ ପ୍ରାୟ ୧୨ଲକ୍ଷରୁ ଅଧିକ ମନ୍ତ୍ର ପଢ଼ିବେ। ସେହିପରି ୧.୨୦ଲକ୍ଷ ଆହୁତି ଦିଆଯିବ। ଏଥିରେ ଶୁଦ୍ଧ ଘିଅ, ଚେରମୂଳି, ପ୍ରାକୃତିକ ଧୂପ ଆଦି ବ୍ୟବହାର କରାଯିବ। ମୁଖ୍ୟ ଯଜ୍ଞ କୁଣ୍ଡକୁ ଲାଗି ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣରେ ୪ଟି ଯଜ୍ଞ ମଣ୍ଡପ ରହିବ। ସେଠାରେ ମା' ଲକ୍ଷ୍ମୀଙ୍କର ୮ଟି ମୂର୍ତ୍ତି ପ୍ରତିଷ୍ଠା ହେବ। ପ୍ରାୟ ୧୬ ଏକର ସ୍ଥାନରେ ଏହି ମହାଯଜ୍ଞ ଆୟୋଜିତ ହେବ। ସମ୍ମିଳନୀରେ ବଡ଼ ଓଡ଼ିଆ ମଠ ପୁରୀର ମହନ୍ତ ମହାରାଜ ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ, ପୁରୀ ଯଜ୍ଞ କମିଟି ସଦସ୍ୟ ସଂଗ୍ରାମ କାନୁନ୍‌ଗୋ, ଫାଉଣ୍ଡେଶନର ସଭାପତି ଗୁରୁ ଚରଣ ପଣ୍ଡା ଉପସ୍ଥିତ ରହି ସୂଚନା ଦେଇଥିଲେ।

## ବାସୁଦେବ ହାଇସ୍କୁଲର ୨୦୦୯ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ



ପୁରୀ,୨୮।୧୨(ଅଜିତ୍ କୁମାର ମହାନ୍ତି)

ବ୍ରହ୍ମଗିରି ବ୍ଲକ୍ ଅନ୍ତର୍ଗତ ବାଘମୁଣ୍ଡା ନୂଆଗାଁସ୍ଥିତ ବାସୁଦେବ ହାଇସ୍କୁଲର ୨୦୦୯ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ବାଲିହରଚଣ୍ଡୀଙ୍କଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ପୁରୁଣା ସ୍ମୃତିକୁ ମନେପକାଇଥିଲେ। ସେମାନଙ୍କ ଦୀର୍ଘ ଜୀବନର ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଛାତ୍ର ଜୀବନ ହେଉଛି ମଣିଷ ଜୀବନର ସ୍ୱର୍ଣ୍ଣିମ ସମୟ। ଛାତ୍ର ଜୀବନ ଭଳି ସମୟ ଜୀବନରେ କେବେ ଆଉ ମିଳେ ନାହିଁ ବୋଲି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଥିଲା। ସେହିପରି ଅତୀତକୁ ସ୍ମରଣକରି ଅଭିଭୂତ ହେବା ସହ ଦୀର୍ଘ ୧୫ ବର୍ଷ ପରେ ପରସ୍ପରକୁ ଦେଖି ଭାବବିହ୍ୱଳ ହୋଇପଡ଼ିଥିଲେ। ଏହି ଅବସରରେ ଅନେକ ବନ୍ଧୁ ସେମାନେ ତାଙ୍କ ଛାତ୍ର ଜୀବନର ଅନେକ ସ୍ମୃତି ଚାରଣ କରିଥିଲେ। ଆରବର୍ଷକୁ ପୁଣି ଆଉ ଥରେ ଏକାଠି ହେବାର ପ୍ରତିଶ୍ରୁତି ଦେଇ ସମସ୍ତ ବନ୍ଧୁ ବିଦାୟ ନେଇଥିଲେ। କାର୍ଯ୍ୟକ୍ରମରେ ମନୋଜ କୁମାର ଦଳାଇ, ରଜନୀକାନ୍ତ ପ୍ରଧାନ, ଇତିଶ୍ରୀ ପ୍ରଧାନ, ସତ୍ୟାନନ୍ଦ ଦଳାଇ, ଅନିଲ ପ୍ରଧାନ, ସଞ୍ଜୟ, ଅମିୟ କୁମାର ବାରିକ, ବାବୁଲି କୁମାର ମହାପାତ୍ର, ସନ୍ମୟ ପରିଡ଼ା, କୀର୍ତ୍ତିରଞ୍ଜନ ପ୍ରଧାନ, ଲୋପାମୁଦ୍ରା ସାହୁ, ଋତୁମତି ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଲକ୍‌ସିତ



@ ବର୍ଷା



@ ଦେବରାଜ



@ ଅରୁଣଦ୍ୟୋୟ



@ ଦୁର୍ଯ୍ୟୋଧନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## 'ଭକ୍ତଙ୍କ ପାଇଁ ସମାନ ଦର୍ଶନ ବ୍ୟବସ୍ଥା କରାଯାଉ'

ପୁରୀ,୨୮।୧୨(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ସମାନ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଦାବି ନେଇ ଆଇନଜୀବୀ ଦିଲୀପ କୁମାର ବରାଳ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ବରାଳ ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଶ୍ରୀମନ୍ଦିରକୁ ଆସୁଥିବା ସମସ୍ତ ଭକ୍ତ ସମାନ। ମହାପ୍ରଭୁଙ୍କ ନିକଟରେ କେହି ଧନୀ, ଗରିବ କିମ୍ବା ଭିଆଇପି ନୁହନ୍ତି। ତେଣୁ ଭକ୍ତଙ୍କ ମଧ୍ୟରେ ଭେଦଭାବ ସୃଷ୍ଟି କରା ନ ଯାଉ। ସାଧାରଣ ଭକ୍ତଟିଏ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ଧାଡ଼ିରେ ଯାଉଥିବା ବେଳେ ବହୁ ପ୍ରଶାସନିକ ଅଧିକାରୀ ଏବଂ ବିଭିନ୍ନ ପଦପଦବୀରେ ଥିବା ବ୍ୟକ୍ତିବିଶେଷ ଓ ତାଙ୍କ ପରିବାରବର୍ଗ ବିନା ଧାଡ଼ିରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି। ତେଣୁ ଶ୍ରୀମନ୍ଦିର ନାଟମଣ୍ଡପ, ଘଣ୍ଟିଦ୍ୱାର, ପଣ୍ଡା ଦ୍ୱାର ଏବଂ ମୁଦୁଲି ଦ୍ୱାରରେ ଭିଆଇପି, ସରକାରୀ ଚାକିରିଆ ଏବଂ ସେମାନଙ୍କର ପରିବାର ବର୍ଗକୁ ପ୍ରବେଶ ନିମନ୍ତେ ଅନୁମତି ନ ଦିଆଯାଉ। ମହାପ୍ରଭୁଙ୍କ ନିକଟରେ ସମସ୍ତେ ଭକ୍ତ ହୋଇଥିବାରୁ ସମସ୍ତଙ୍କ ପାଇଁ ସମାନ ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉ ବୋଲି ବରାଳ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

## ଗଡ଼ିଲା ପାଣି ପଞ୍ଚାୟତ ସଚେତନତା ରଥ

ପୁରୀ, ୨୮।୧୨(ଅଜିତ୍ କୁମାର ମହାନ୍ତି):

ପୁରୀ ଜିଲା ଜଳସେଚନ ବିଭାଜନ ତରଫରୁ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ସଚେତନତା ରଥ ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପୁରୀ ଜଳସେଚନ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ଅମୀୟ କୁମାର ସେଠ, ସହକାରୀ ନିର୍ବାହୀ ଯନ୍ତ୍ରୀ ମକର ବେହେରାଙ୍କ ସମେତ ତନୁଜା କିଶୋର ରାଉତ, ଭାଗବତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ନୀଳାଚଳ କୃଷକ ମହାସଂଘର କଳା ଦିବସ ପାଳନ

ସାକ୍ଷୀଗୋପାଳ,୨୮।୧୨ (ଭରତ ରାଉତ)

ନୀଳାଚଳ କୃଷକ ମହାସଂଘ ପକ୍ଷରୁ କଳା ଦିବସ ପାଳନ ସହ ପୁରୀ ଜିଲାକୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଜିଲା ଭାବେ ଘୋଷଣା ଏବଂ ମୃତ ଚାଷୀଙ୍କ ପରିବାରକୁ ସହାୟତା ପ୍ରଦାନ ଦାବିରେ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମହାସଂଘ ସଦସ୍ୟ ପ୍ରକାଶ କୁମାର ନାୟକ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପରେ ମୃତ ଚାଷୀ ପୂର୍ଣ୍ଣଚନ୍ଦ୍ର ଦଳେଇ, ମହାସଂଘ ସଭାପତି ଗୋପୀନାଥ ମିଶ୍ରଙ୍କ ମାତୃ ସାବିତ୍ରୀ ମିଶ୍ର ଓ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

ସୂଚନା ଥାଉକି, ୨୦୧୬ ଆଜିର ଦିନରେ ସତ୍ୟବାଦୀ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ କୃଷକ ମହାସଂଘ ପକ୍ଷରୁ ଚାଷୀଙ୍କ ୯୦ ଦଫା ଦାବି ସମାଧାନ ପାଇଁ ଉପସ୍ଥାପନା କରାଯାଇଥିଲା। ଏହି ସମୟରେ ପୁରୀ ପ୍ରଶାସନ ପକ୍ଷରୁ ଉପସ୍ଥିତ ଅନେକ ଚାଷୀଙ୍କୁ ଅମାନୁଷିକ ଭାବେ ଲାଠିଚାଳନା ସହ ୧୩ ଜଣ କୃଷକ ନେତାଙ୍କୁ ବନ୍ଦୀ କରି ଜେଲ ପଠାଯାଇଥିଲା। ଏହାର ପ୍ରତିବାଦରେ ପ୍ରତିବର୍ଷ ଏହି ଦିନକୁ କଳା ଦିବସ ଭାବେ ପାଳନ କରାଯାଇଆସୁଛି। ମୃତ ଚାଷୀ ପୂର୍ଣ୍ଣଚନ୍ଦ୍ରଙ୍କ ପରିବାରକୁ ଚାଷ କ୍ଷତି ଓ ମୃତ୍ୟୁ ପାଇଁ ଅନ୍ୟୁନ ୫୦ ଲକ୍ଷ କ୍ଷତିପୂରଣ ଦିଆଯିବାକୁ ସରକାରଙ୍କୁ ଅନୁରୋଧ କରାଯାଇଛି। ପୁରୀ ଜିଲାରେ ଚାଷ କ୍ଷୟକ୍ଷତି ହୋଇଥିବାବେଳେ ସମଗ୍ର ଜିଲାକୁ କ୍ଷତିଗ୍ରସ୍ତ ଜିଲା ରୂପେ ଘୋଷଣା କରାଯାଇ କ୍ଷତିପୂରଣ ଦିଆଯାଉ। ଚାଷ କରିବାକୁ ସଂପୃକ୍ତ ବିଭାଗ ପକ୍ଷରୁ କୃଷି ସୂଚନା ଓ ଉନ୍ନତ ଜ୍ଞାନକୌଶଳ ଯୋଗାଇଦେବାକୁ ଦାବି କରାଯାଇଛି। ଯଥାଶୀଘ୍ର ସମସ୍ତ ଦାବି ପୂରଣ କରିବାକୁ ସରକାର ଓ ପୁରୀ ପ୍ରଶାସନକୁ ଅନୁରୋଧ କରାଯାଇଛି। ଅନ୍ୟଥା ମହାସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଉପଦେଷ୍ଟା ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ଉପାଧ୍ୟକ୍ଷ ଗୁଣନିଧି ସ୍ୱାଇଁ, ସମ୍ପାଦକ ବିପ୍ରବର ପାତ୍ର, ସତ୍ୟବାଦୀ ବ୍ଲକ ସଭାପତି ସୁଶାନ୍ତ କୁମାର ଶତପଥୀ, ଚାଷୀ ନେତା ଭାଗୀରଥି ବରାଳ, ରାମଚନ୍ଦ୍ର ଚୌଧୁରୀ, ନାରାୟଣ ପ୍ରଧାନ, ଦୁଃଶାସନ ସ୍ୱାଇଁ, ରାମଚନ୍ଦ୍ର ସ୍ୱାଇଁ, କୈଳାସ ଚନ୍ଦ୍ର ପରିଡ଼ା, ଫଗୁଚରଣ ପରିଡ଼ା, ସଂଜୟ କୁମାର ପାତ୍ର ଏବଂ ଶରତ ଚନ୍ଦ୍ର ବରାଳ ପ୍ରମୁଖ ନେତାମାନେ ଆଲୋଚନାରେ ଅଂଶ ଗ୍ରହଣ କରି ସୂଚନା ଦେଇଥିଲେ ।

## ଆଲ୍‌ଫା ସ୍ପୋର୍ଟିଂ ବ୍ରହ୍ମପୁର, ଜୁଭେନାଇଲ କଟକ ସେମିରେ

**୩୫ତମ ରାଜ୍ୟସ୍ତରୀୟ ମଙ୍ଗଳା କପ**

ଅସ୍ତରଙ୍ଗ,୨୮।୧୨(ମମତା ଜେନା)



ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି ।

ରାଜ୍ୟସ୍ତରୀୟ ମଙ୍ଗଳା କ୍ରିକେଟ କପ୍‌ର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୟୁନିକ ଇଲେଭେନ ଭଦ୍ରକକୁ ହରାଇ ଆଲ୍‌ଫା ସ୍ପୋର୍ଟିଂ ବ୍ରହ୍ମପୁର ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ୟୁନିକ ଇଲେଭେନ ଟସ୍ ଜିତି ଆଲଫା ସ୍ପୋର୍ଟିଂକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ଆଲଫା ସ୍ପୋର୍ଟିଂ ୨୧୦ ରନ୍ ସଂଗ୍ରହ କରିଥିଲା। ଜବାବରେ ୟୁନିକ୍ ଇଲେଭେନ ସମସ୍ତ ଉଇକେଟ ହରାଇ ପରାଜୟ ବରଣ କରିଥିଲା। ଆଲଫା ସ୍ପୋର୍ଟିଂର ଖେଳାଳି ସୌମ୍ୟରଞ୍ଜନ ବିଶ୍ୱାଳ ସର୍ବାଧିକ ୭୧ ରନ୍ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚରେ ଗୋଲକୁଣ୍ଡା ଯାଜପୁରକୁ ହରାଇ ଜୁଭେନାଇଲ କଟକ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଜୁଭେନାଇଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୩ ଉଇକେଟ ହରାଇ ୧୪୯ ରନ୍ ସଂଗ୍ରହ କରିଥିଲା। ବିପକ୍ଷରେ ଗୋଲକୁଣ୍ଡା ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୧୧୩ ରନ୍ କରି ପରାଜିତ ହୋଇଥିଲା। ଜୁଭେନାଇଲର ଖେଳାଳି ମାନବ ଭଟ୍ଟାଚାର୍ଯ୍ୟ ସର୍ବାଧିକ ୫୨ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। କାକଟପୁର ପ୍ରେସ୍‌କ୍ଲବ ସଭାପତି କମଳ ଲୋଚନ ଦୀକ୍ଷିତ ଓ ସାମାଜିକ କର୍ମୀ ମାନସ କୁମାର ଦୀକ୍ଷିତ ପୁରସ୍କାର ପ୍ରଦାନ କରିଥିଲେ। ବରିଷ୍ଠ ଅମ୍ପାୟର ନିର୍ମଳ କୁମାର ମିଶ୍ର ଓ ଅୟସକାନ୍ତ ମିଶ୍ର ଖେଳ ପରିଚାଳନା କରିଥିଲେ। ରବିବାର ପ୍ରଥମ ସେମିଫାଇନାଲ ମ୍ୟାଚ ଯଦୁପୁର ଇଲେଭେନ ଭୁବନେଶ୍ୱର ଏବଂ ଆଲଫା ସ୍ପୋର୍ଟିଂ ବ୍ରହ୍ମପୁର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବ ସଭାପତି ପ୍ରଦୀପ୍ତ କୁମାର ଦୀକ୍ଷିତ ପ୍ରକାଶ କରିଛନ୍ତି। ମ୍ୟାନେଜର ଭାଗବତ ସ୍ୱାଇଁ ଧାରା ବିବରଣୀ ପ୍ରଦାନ କରିଥିଲେ। ସମ୍ପାଦକ ଶୁଭ୍ରାଂଶୁ ଦୀକ୍ଷିତ, ସୂର୍ଯ୍ୟକାନ୍ତ ଦୀକ୍ଷିତ, ଶ୍ୟାମସୁନ୍ଦର ରଣା, ସଞ୍ଜୟ ସାମଲ, ଧୀରେନ୍ଦ୍ର ଚାନ୍ଦ, ଅକ୍ଷୟ ପ୍ରସାଦ ମହାନ୍ତି, ସୁଶାନ୍ତ ଦାଶ, ପିଣ୍ଟୁ ନାୟକ ପ୍ରମୁଖ ସହଯୋଗ କରିଥିଲେ।

### ଅଟୋ ଚାଳକଙ୍କୁ ସଂଘବଦ୍ଧ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା): ଦୁର୍ଘଟଣାକୁ କେନ୍ଦ୍ରକରି ଜଣେ ଅଟୋ ଚାଳକଙ୍କୁ ସଂଘବଦ୍ଧ ଆକ୍ରମଣ ସହ ଲୁଟ୍ ଘଟଣାରେ ନୟାପଲ୍ଲୀ ପୋଲିସ ଆକ୍ରମଣକାରୀ ମଧ୍ୟରୁ ଜଣଙ୍କୁ ଗିରଫକରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ନୀଳକଣ୍ଠନଗରର ମୁଣ୍ଡାସାହିର ସଞ୍ଜୟ ପଣ୍ଡା। ଜାମିନ ନ ମିଳିବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆହତ ଅଟୋ ଚାଳକଙ୍କ ଭାଇ ସଞ୍ଜୟ କୁମାର ବେହେରାଙ୍କ ଅଭିଯୋଗ ଆଧାରରେ ପୋଲିସ ପଦକ୍ଷେପ ଗ୍ରହଣ କରିଛି।

# କାର୍ ଚାଳକଙ୍କୁ ନିସ୍ତୁକ ମାଡ଼, ପୋଲିସ-ଜନତା ଧସ୍ତାଧସ୍ତି

**ସିରିଜ୍ ଦୁର୍ଘଟଣାରୁ ତୁମୁଳକାଣ୍ଡ**

- ୬ ଗାଡ଼ି କ୍ଷତିଗ୍ରସ୍ତ, ୭ରୁ ଅଧିକ ଆହତ
- ୨ ଘଣ୍ଟା ଗାଡ଼ି ଚଳାଚଳ ଠପ୍

ଭୁବନେଶ୍ୱର,୨୮।୧୨(ସୂର୍ଯ୍ୟକାନ୍ତ ବେହେରା)


ଆହତ କାର୍ ଡ୍ରାଇଭରଙ୍କୁ ପୋଲିସ ପିସିଆର୍ ଭ୍ୟାନରେ ବସାଇ ନେଉଛି।


ଉତ୍ତ୍ୟକ୍ତ ମହିଳା ଓ ପୁରୁଷ ପୋଲିସ ଗାଡ଼ିକୁ ଅଟକ ରଖିଛନ୍ତି।

ଦ୍ରୁତଗତିରେ ଏକ କାର୍ ପ୍ରଥମେ ରାସ୍ତାରେ ଛିଡ଼ାହୋଇଥିବା ସ୍କୁଲ ଭ୍ୟାନ୍‌କୁ ପଛରୁ ଧକ୍କାଦେଇଥିଲା। ସ୍କୁଲ ଭ୍ୟାନ୍‌ଟି ଆଗରେ ଥିବା ଅଟୋରେ ଧକ୍କା ଲାଗିବାରୁ ଅଟୋଟି ଅନ୍ୟ ଏକ ଅଟୋ ଓ ୨ ବାଇକ୍‌କୁ ଧକ୍କାଦେଇଥିଲା। ଫଳରେ ଅଟୋଟି ଓଲଟିପଡ଼ିଥିଲା। ଏଥିସହ ଦୁର୍ଘଟଣା ଘଟାଇଥିବା କାର୍‌ର ବେଲୁନ୍ ଫାଟିଯାଇ କାଚ ଭାଙ୍ଗିଯାଇଥିଲା। ଏହି ସିରିଜ ଦୁର୍ଘଟଣାରେ ୭ରୁ ଅଧିକ ଆହତ ହୋଇଥିଲେ। ଶନିବାର ଅପରାହ୍ଣ ପ୍ରାୟ ୫ଟାରେ ଭୁବନେଶ୍ୱର ଜାଭିୟର ବିଶ୍ୱବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଘଟିଥିଲା ଏହି ସିରିଜ୍ ଦୁର୍ଘଟଣା। ତେବେ ଏହି ଘଟଣାକୁ ନେଇ ସେଠାରେ ପ୍ରାୟ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଉତ୍ତେଜନା ଲାଗି ରହିବା ସହ ତୁମୁଳକାଣ୍ଡ ଘଟିଥିଲା। ସ୍ଥାନୀୟ ଲୋକଙ୍କ ସହ କ୍ଷତିଗ୍ରସ୍ତ ଗାଡ଼ି ମାଲିକ ଓ ସେମାନଙ୍କ ପରିବାର ଲୋକେ କ୍ଷତିପୂରଣ ଦାବିକରି ପ୍ରଥମେ ଦୁର୍ଘଟଣା ଘଟାଇଥିବା କାର୍ ଚାଳକଙ୍କୁ କବ୍‌ଜା କରିନେଇଥିଲେ। ସେ ମଦ୍ୟପାନ କରିଥିବା ଓ ଖସିଯିବାକୁ ଉଦ୍ୟମ କରିବାରୁ ଲୋକେ ଆହୁରି ଉତ୍ତେଜିତ ହୋଇପଡ଼ିଥିଲେ। ଲୋକେ ଘେରିଯାଇ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଟଣାଓଟରା କରିବା ସହ ଶାର୍ଟ ଚିରି ଆକ୍ରମଣ କରିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇବାରୁ ଉକ୍ତ ରାସ୍ତାରେ ଗାଡ଼ିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ମୈତ୍ରୀବିହାର-ନୟାପଲ୍ଲୀ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ କବଳରୁ କାର୍ ଚାଳକଙ୍କୁ ନେବାକୁ ଉଦ୍ୟମ କରିଥିଲେ। ହେଲେ ଲୋକେ କ୍ଷତିପୂରଣ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପୋଲିସ ଥାନାକୁ ଆସି ଆଲୋଚନା କରିବାକୁ କହିଥିଲେ ମଧ୍ୟ ଲୋକେ ଘଟଣାସ୍ଥଳରେ ଲେଖାପଢ଼ା କରିବାକୁ ଦାବିକରିଥିଲେ। ପୋଲିସ ବହୁ କଷ୍ଟରେ କାର୍ ଚାଳକଙ୍କୁ ଉଦ୍ଧାରକରି ପିସିଆର୍‌କୁ ନେଇଥିଲେ। ଲୋକେ ଗୋଡ଼ାଇ ଗୋଡ଼ାଇ ପୋଲିସ କବଳରୁ ତାଙ୍କୁ ଛଡ଼ାଇନେବାକୁ ଉଦ୍ୟମ କରିବା ସହ ପିସିଆର୍ ଭ୍ୟାନ୍‌କୁ ଘେରିଯାଇ ଛାଡ଼ି ନ ଥିଲେ। ଏହି ସମୟରେ ପୋଲିସ ଓ ଲୋକଙ୍କ ମଧ୍ୟରେ ବାରମ୍ବାର ଧସ୍ତାଧସ୍ତି ହୋଇଥିଲା। କେତେଜଣ ଲୋକ ପୋଲିସକୁ ଆକ୍ରମଣ କରିବାରୁ ସ୍ଥିତି ଅଣାୟତ୍ତ ହୋଇଥିଲା। ବହୁ ମହିଳା ଓ ପୁରୁଷ ପିସିଆର୍ ଭ୍ୟାନ୍‌କୁ ଘେରିଯାଇ ପୋଲିସ ଉପରେ ବର୍ଷିଥିଲେ। ଏପଟେ ଉତ୍ତେଜନା ଜୟଦେବ ବିହାର-ନନ୍ଦନକାନନ ରାସ୍ତାକୁ ବ୍ୟାପିଯାଇଥିଲା। ଫଳରେ ଉକ୍ତ ରାସ୍ତାରେ ଟ୍ରାଫିକ୍ ଜାମ ହୋଇଥିଲା। ପରିସ୍ଥିତିରେ ସୁଧାର ନ ଆସିବାରୁ ୩ ପ୍ଲାଟୁନ ଫୋର୍ସ ପହଞ୍ଚିଥିଲା। ପୋଲିସ ଅଧିକାରୀମାନେ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ କ୍ଷତିଗ୍ରସ୍ତ ଗାଡ଼ି ବାବଦକୁ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ପରେ ପୋଲିସ ସମ୍ପୃକ୍ତ କାର୍ ଚାଳକ ତଥା ନନ୍ଦନବିହାରରେ ରହୁଥିବା ବ୍ୟବସାୟୀ ଶୁଭକାନ୍ତ ଦାସଙ୍କୁ ଥାନାକୁ ନେଇ ଅଟକ ରଖିବା ସହ ଗାଡ଼ିକୁ ଜବତ କରିଥିଲା। ଏଥିସହ ରାସ୍ତାରେ ଗାଡ଼ି ଚଳାଚଳକୁ ସ୍ୱାଭାବିକ କରିଥିଲା।

## କ୍ଷତିପୂରଣ ଦାବିରେ ନଷ୍ଟ ପାଚିଲା ଧାନ ଧରି ବିକ୍ଷୋଭ




ଭୁବନେଶ୍ୱର, ୨୮।୧୨ (ବନ୍ଦନା ସେଠୀ)

ଅଦିନିଆ ବର୍ଷା ପାଇଁ ରାଜ୍ୟରେ ବ୍ୟାପକ ଭାବେ ଫସଲ ନଷ୍ଟ ହୋଇଛି। ଫଳରେ ଚାଷକୁ ଭରସା କରି ବଞ୍ଚୁଥିବା ଚାଷୀଙ୍କ ଅଣ୍ଟା ଭାଙ୍ଗି ଯାଇଛି। ତେଣୁ କ୍ଷତି ହୋଇଥିବା ଚାଷୀମାନଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ଦାବି କରିବା ସହ ଶନିବାର କ୍ଷତିଗ୍ରସ୍ତ ଚାଷୀଙ୍କୁ ଧରି ଭୁବନେଶ୍ୱରରେ ଅଭିନବ ବିକ୍ଷୋଭ ଓ ରାସ୍ତାରୋକୋ କରିଛି।

ବିକ୍ଷୋଭକାରୀମାନେ ନଷ୍ଟ ଗଜାଧାନକୁ ମୁଣ୍ଡରେ ଧରି ବିଭିନ୍ନ ସ୍ଲୋଗାନ ଦେଇ ପଟୁଆରରେ ସିପିଆଇ ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରୁ ବାହାରି ରାଜମହଲଠାରେ ପହଞ୍ଚିଥିଲେ। ଅଦିନିଆ ବର୍ଷା ଯୋଗୁ ଧାନ, କପା ସାଙ୍ଗକୁ ଫୁଲ ଏବଂ ପନିପରିବା ଫସଲ ଇତ୍ୟାଦି ସମ୍ପୂର୍ଣ୍ଣ ଭାବେ ଉଜୁଡ଼ିଯାଇଛି। ପୁରୀ, ଗଞ୍ଜାମ ଓ ଅନ୍ୟ ଜିଲାରେ ଫସଲ କ୍ଷତି ହେତୁ କୃଷକମାନେ ଆତ୍ମହତ୍ୟା ରାସ୍ତା ବାଛି ନେଲେଣି। ଏଭଳି ସ୍ଥିତିରେ ଚାଷୀମାନଙ୍କୁ ନକଲି ଚାଷୀ କହି ତାଚ୍ଛଲ୍ୟ କରିବା ଅତ୍ୟନ୍ତ ଲଜ୍ଜାକର ଘଟଣା ବୋଲି ସିପିଆଇ ଭୁବନେଶ୍ୱର ଜୋନ୍ ସମ୍ପାଦକ ସୁର ଜେନା କହିଛନ୍ତି। ଏହି ବିକ୍ଷୋଭରେ କ୍ଷେତମୂଲିଆ ନେତା ଶଙ୍କର୍ଷଣ ବାରିକ, ଛେତେମ୍ବର ଭୋଇ, ଉଗ୍ରସେନ ଦାସ ପ୍ରମୁଖ ସାମିଲ ଥିଲେ।

## ରାଜ୍ୟ ଉପକୂଳରେ ଉଡ଼ିବ ଜାତୀୟ ପତାକା

ଭୁବନେଶ୍ୱର,୨୮।୧୨(ସୂର୍ଯ୍ୟକାନ୍ତ ବେହେରା)

ଲୋକଙ୍କ ମନରେ ଦେଶପ୍ରୀତି ସୃଷ୍ଟି ସହ ସୁରକ୍ଷା ବୃଦ୍ଧି ପାଇଁ ଓଡ଼ିଶା ପୋଲିସ ନୂଆ ପଦକ୍ଷେପ ନେବାକୁ ଯାଉଛି। ରାଜ୍ୟର ଉପକୂଳ ଅଞ୍ଚଳରେ ଆସନ୍ତା ଜାନୁଆରୀ ୨୬ରୁ ଜାତୀୟ ପତାକା ଉଡାଇବାକୁ ଯୋଜନା କରିଛି। ଇତିମଧ୍ୟରେ ୪୮୦ କି.ମି. ଦୀର୍ଘ ଉପକୂଳରେ ଡ୍ରୋନ୍ ସର୍ଭେ ସରିଥିବାବେଳେ ତ୍ରିରଙ୍ଗା ଉଡାଇବା ଲାଗି ୬୨ ସ୍ଥାନ ଚିହ୍ନଟ କରାଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି, ଦେଶର ସାର୍ବଭୌମତ୍ୱ ବଜାୟ ରଖିବା ସହ ଅନୁପ୍ରବେଶକାରୀଙ୍କ ବିରୋଧରେ ମନସ୍ତାତ୍ତ୍ୱିକ ପ୍ରତିବନ୍ଧକ ସୃଷ୍ଟି କରିବା ଲାଗି ଏହା ହେଉଛି ଏକ ପ୍ରତୀକାତ୍ମକ ପ୍ରୟାସ। ବିଶେଷକରି ପଡୋଶୀ ବାଂଲାଦେଶରେ ଲାଗି ରହିଥିବା ଭାରତ ବିରୋଧୀ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି।

## ଅନ୍‌ଲାଇନ ଔଷଧ କାରବାରକୁ ବିରୋଧ

### ଆନ୍ଦୋଳନ ଚେତାବନୀ ଦେଲା ୨ ଔଷଧ ବ୍ୟବସାୟୀ ସଂଘ

ଭୁବନେଶ୍ୱର,୨୮।୧୨(ସୁଚିସ୍ମିତା ସାହୁ)

ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଜିଏସ୍‌ଆର୍ ୨୨୦(ଇ) ଆଧାରରେ ବହୁ ସଂସ୍ଥା ଅନ୍‌ଲାଇନରେ ଲୋକଙ୍କ ଘରେ ଔଷଧ ପହଞ୍ଚାଉଛନ୍ତି। ନିୟମ ଉଲ୍ଲଂଘନକରି ଔଷଧ କାରବାର କରୁଥିବାରୁ ଏହାକୁ ସର୍ବ ଭାରତୀୟ ଔଷଧ ବ୍ୟବସାୟୀ ସଂଘ ଓ ଉତ୍କଳ କେମିଷ୍ଟ ଆଣ୍ଡ୍ ଡ୍ରଗିଷ୍ଟ ଆସୋସିଏଶନ ଦୃଢ଼ ବିରୋଧ କରିଛି। କେବଳ ପ୍ରେସ୍‌କ୍ରିପ୍‌ଶନରେ ଲେଖା ହୋଇଥିବା ଔଷଧ ଦିଆଯିବାକୁ କଡାକଡି କରାଯାଉ ବୋଲି ୨ ସଂଘ ରାଜ୍ୟ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଯଦି ସରକାର ତୁରନ୍ତ ପଦକ୍ଷେପ ନ ନିଅନ୍ତି, ତେବେ ସାରା ରାଜ୍ୟରେ ୧୨.୫ଲକ୍ଷ ଔଷଧ ବ୍ୟବସାୟୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଉତ୍କଳ କେମିଷ୍ଟ ଆଣ୍ଡ୍ ଡ୍ରଗିଷ୍ଟ ଆସୋସିଏଶନ ସଭାପତି ପି. ସତ୍ୟନାରାୟଣ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, କୋଭିଡ୍ ମହାମାରୀକୁ ଆଖିଆଗରେ ରଖି ସରକାର ଦେଇଥିବା ନୋଟିଫିକେଶନ ମାଧ୍ୟମରେ ଘର ପାଖରେ ଔଷଧ ପହଞ୍ଚାଇବା ନିୟମ ଲାଗୁହୋଇଥିଲା। ହେଲେ କୋଭିଡ୍ କଟକଣା ଉଠିବାର ୪ ବର୍ଷ ବିତିଥିଲେ ସୁଦ୍ଧା ଅନ୍‌ଲାଇନ ଔଷଧ କାରବାର ଜାରି ରହିଛି। ଏହାଦ୍ୱାରା ଲୋକଙ୍କ ପାଖରେ କେତେବେଳେ ଅଧିକ ଔଷଧ ପହଞ୍ଚୁଛି ତ ପୁଣି ବିନା ପ୍ରେସ୍‌କ୍ରିପ୍‌ଶନରେ ଔଷଧ ଯୋଗାଣ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ସରକାର କରିଥିବା ନିୟମକୁ ଘରୋଇ ଅନ୍‌ଲାଇନ ସଂସ୍ଥା ଠିକ୍ ଭାବେ କାର୍ଯ୍ୟକାରୀ କରୁନାହାନ୍ତି। କୌଣସି ବୈଧ ଚିଠା ନ ଥାଇ ମଧ୍ୟ ବିଭିନ୍ନ ଔଷଧ ବିକ୍ରି ହେଉଛି। ଫଳରେ ମାତ୍ରାଧିକ ତଥା ମନମୁଖି ଔଷଧ ସେବନ, ଆଣ୍ଟିବାୟୋଟିକ ରେଜିଷ୍ଟାନ୍ସଜନିତ ସମସ୍ୟାକୁ ପ୍ରୋତ୍ସାହିତ କରୁଛି। କମ୍ପାନୀଗୁଡ଼ିକ ନିଜ ଲାଭ ପ୍ରତି ଧ୍ୟାନ ନ ଦେଇ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦେବା ଜରୁରୀ ବୋଲି ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାପାତ୍ର କହିଛନ୍ତି।

## ବାବା ପରିଚୟ ଦେଇ ଟଙ୍କା ମାଗୁଥିଲେ, ୪ ସନ୍ଦିଗ୍ଧ ଅଟକ

ଭୁବନେଶ୍ୱର,୨୮।୧୨(ସୂର୍ଯ୍ୟକାନ୍ତ ବେହେରା)

ନିଜକୁ ବାବା ବୋଲି କହି ଭିକ୍ଷା ବାହାନାରେ ଟଙ୍କା ମାଗୁଥିବା ୪ଜଣ ବ୍ୟକ୍ତିଙ୍କୁ ଚୋରି ସନ୍ଦେହରେ ମୈତ୍ରୀବିହାର ପୋଲିସ ଅଟକ ରଖି ପଚରାଉଚରା କରୁଛି। ସେମାନଙ୍କ ଘର ରାଜସ୍ଥାନରେ ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ସନ୍ଦିଗ୍ଧମାନେ ସାଧୁ ବେଶରେ ଘରକୁ ଘର ବୁଲି ବାସିନ୍ଦାଙ୍କଠାରୁ ଭିକ୍ଷା ମାଗିଥିଲେ। ଲୋକେ ୧୦ଟଙ୍କା ଦେଲେ ସେମାନେ ନେଉ ନ ଥିଲେ। ୫୦ରୁ ୧୦୦ ଟଙ୍କା ଦାବି କରିବା ସହ ଲୋକଙ୍କୁ ଭୂଆଁ ବୁଲାଇ ଅଧିକ ଟଙ୍କା ନେଇଯାଉଥିଲେ। ସେମାନଙ୍କ ଆଚରଣ ଦେଖି ସ୍ଥାନୀୟ ବାସିନ୍ଦା ସନ୍ଦେହକରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ପିସିଆର୍ ଭ୍ୟାନ୍‌ରେ ସେମାନଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲେ। ଅନ୍ୟପକ୍ଷରେ ରାତିରେ ଚୋରି କରିବାକୁ ସନ୍ଦିଗ୍ଧ ବ୍ୟକ୍ତିମାନେ ଦିନରାତି ରେକି କରୁଥିଲେ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏପଟେ ଗତ କିଛି ମାସ ଭିତରେ ରାଜଧାନୀରେ ଆପାର୍ଟମେଣ୍ଟ ଚୋରି ବଢୁଥିବାରୁ ସେମାନେ ଏଥିରେ ସମ୍ପୃକ୍ତ ଅଛନ୍ତି କି ନାହିଁ, ତାହା ଜାଣିବାକୁ ପୋଲିସ ପୂର୍ବରୁ ସଂଗ୍ରହ କରିଥିବା କିଛି ସିସିଟିଭି ଫୁଟେଜ ଯାଞ୍ଚ ସହ ଅଧିକ ତଦନ୍ତ ଚଳାଇଛି। ଏପରିକି ରାଜସ୍ଥାନରେ କୌଣସି ଅପରାଧରେ ଏମାନଙ୍କର ସମ୍ପୃକ୍ତି ରହିଛି କି ନାହିଁ ତାହା ମଧ୍ୟ ଖୋଳତାଡ଼ କରୁଛି ପୋଲିସ।

## ବେଆଇନ ପାର୍କିଂ: ୭୩୦ ଗାଡିର କଟିଲା ଇ-ଚାଲାଣ

ଭୁବନେଶ୍ୱର,୨୮।୧୨(ସୂର୍ଯ୍ୟକାନ୍ତ ବେହେରା)

କଟକ-ଭୁବନେଶ୍ୱରରେ ଟ୍ରାଫିକ ଜାମ୍ ବିପଦ ସୃଷ୍ଟି କରୁଛି। ଜାତୀୟ ରାଜପଥଠାରୁ ଆରମ୍ଭ କରି ସହରର ବିଭିନ୍ନ ରାସ୍ତାରେ ବେଆଇନ ପାର୍କିଂ କରିବା ଯୋଗୁ ଲୋକେ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ବେଆଇନ ପାର୍କିଂ ବିରୋଧରେ କମିଶନରେଟ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବା ମୋଟ ୭୩୦ ଗାଡି ବିରୋଧରେ ଇ-ଚାଲାଣ କଟାଯାଇଛି। ଏହାସହ ୪୯ ଗାଡିକୁ ଜବତ କରାଯାଇଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଟ୍ରାଫିକ ନିୟମ ପାଳନ କରିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ବରମୁଣ୍ଡା, ଖଣ୍ଡଗିରି, ପଟିଆ, ରୁପାଲି ଛକ, ରବି ଟକିଜ, ଏଜି ଛକ, କଟକର ମଧୁପାଟଣା ଓ ଦୋଳମୁଣ୍ଡାଇ ଛକ, କଟକ-ଭୁବନେଶ୍ୱର ଦେଇ ଯାଇଥିବା ଜାତୀୟ ରାଜପଥରେ ଏହି ଚଢ଼ାଉ କରାଯାଇଥିଲା।

**ଚଉଷଠି ଯୋଗିନୀ ମହୋତ୍ସବ ଉଦ୍‌ଯାପିତ**

## କାଳିକା ତାଣ୍ଡବ ମନମୋହିଲା

ବାଲକାଟୀ,୨୮।୧୨ (ମନୋଜ ମଣ୍ଡଳ)



ଉଦ୍‌ଯାପନୀ ସନ୍ଧ୍ୟାରେ ଶିଳ୍ପୀମାନେ କାଳିକା ତାଣ୍ଡବନୃତ୍ୟ ପରିବେଷଣ କରୁଛନ୍ତି।

ବାଲକାଟୀ ନିକଟସ୍ଥ ହୀରାପୁର ଗ୍ରାମର ଅଧିଷ୍ଠାତ୍ରୀ ମହାମାୟା ଚଉଷଠି ଯୋଗିନୀଙ୍କ ପୀଠରେ ଆୟୋଜିତ ଅଷ୍ଟାଦଶ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାଲିଅନ୍ତା ବିଜେଡି ସଭାପତି ପ୍ରଦୀପ୍ତ ଜେନାମଣି, ବାଲିପାଟଣା ବ୍ଲକ ବିଜେଡି ସଭାପତି କିଶୋର ଜେନା, ଅଚ୍ୟୁତାନନ୍ଦ ପାତ୍ର, ପ୍ରତାପଶାସନ ସରପଞ୍ଚ ରୀନାରାଣୀ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମ ପର୍ବରେ ଜଗତ୍‌ସିଂହପୁର ଝଙ୍କଡ଼ ଶାରଳା ଗ୍ରୁପ୍‌ର କଳାକାରମାନେ ଗୁରୁ ରମାକାନ୍ତ ରାଉଳଙ୍କ ନିର୍ଦ୍ଦେଶନାରେ ମହିଷମର୍ଦ୍ଦିନୀ ପରେ ପରେ ଏକ ପାଦି ଓ ଦ୍ୱି ପାଦି ରଣପା ନୃତ୍ୟ ପରିବେଷଣ କରିଥିଲେ, ଯାହା ଦର୍ଶକ ମନ ମୋହିଥିଲା। କାଳିକା ତାଣ୍ଡବନୃତ୍ୟ ବେଶ୍ ଆକର୍ଷଣୀୟ ଥିଲା। ପୁରୀରୁ ଆସିଥିବା କଳାକାରଙ୍କ ମାଲଖମ୍ବ କଳାଚାତୁରି ଦର୍ଶକଙ୍କ ଆଖି ଝଲସାଇ ଦେଇଥିଲା। ପରେ ସମ୍ବଲପୁରର ଆରାଧନା ଡ୍ୟାନ୍ସ ଗ୍ରୁପ୍‌ର ସମ୍ବଲପୁରୀ ନୃତ୍ୟରେ ମଞ୍ଚ ଦୁଲୁକି ଥିଲା। ସନ୍ଧ୍ୟାର ଶେଷ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭୁବନେଶ୍ୱରରୁ ଆସିଥିବା ମେଲୋଡି ଟିମ୍‌ର ଆଧୁନିକ ଓଡ଼ିଆ ଓ ହିନ୍ଦୀ ସଙ୍ଗୀତ ବେଶ୍ ରୋମାଣ୍ଟିକ୍ ଥିଲା। ବିଧାୟକ ମଲ୍ଲିକ କଳାକାରଙ୍କୁ ମଞ୍ଚରେ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଲକ୍ଷିତ


@ ବର୍ଷା


@ ଦେବରାଜ


@ ଅରୁଣୋଦୟ


@ ଦୁର୍ଯ୍ୟୋଧନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଅନ୍ତର୍ଜାତୀୟ ଜୁନିୟର ସାଇନ୍ସ ଅଲିମ୍ପିଆଡ୍‌ରେ ଅନିଶଙ୍କୁ ବ୍ରୋଞ୍ଜ

**ବିଦେଶରେ ଚମକିଲେ ଓଡ଼ିଆ ପୁଅ**

ଭୁବନେଶ୍ୱର,୨୮।୧୨(ସୁଚିସ୍ମିତା ସାହୁ)



ବିଦେଶରେ ପୁଣି ଚମକିଲେ ଓଡ଼ିଆ ପୁଅ। ରୋମାନିଆର ବୁକାରେଷ୍ଟଠାରେ ଅନୁଷ୍ଠିତ ୨୧ତମ ଅନ୍ତର୍ଜାତୀୟ ଜୁନିୟର ବିଜ୍ଞାନ ଅଲିମ୍ପିଆଡ୍‌ରେ ଯାଜପୁର ଜିଲା ବରୀ ଡିହସାହିର ବୈଦ୍ୟନାଥ ଜେନାଙ୍କ ପୁଅ ଅନିଶ ବ୍ରୋଞ୍ଜ ପଦକ ହାସଲକରି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ୫୦ଟି ଦେଶର ପ୍ରତିଯୋଗୀ ଭାଗନେଇ ବିଭିନ୍ନ ଥିଓରି ଓ ପ୍ରାକ୍ଟିକାଲଭିତ୍ତିକ ବିଜ୍ଞାନ ପ୍ରଦର୍ଶନ କରିଥିଲେ। ଭାରତ ଗୋଲ୍ଡ ମେଡାଲ ହାସଲ କରିଥିବାବେଳେ ଅନିଶ ୟୁଏଇ ଦେଶରୁ ପ୍ରତିନିଧିତ୍ୱକରି ବ୍ରୋଞ୍ଜ ପଦକ ପାଇଥିଲେ। ବାପା ବୈଦ୍ୟନାଥ ଦୀର୍ଘଦିନ ଧରି ପ୍ରବାସୀ ଓଡ଼ିଆ ଭାବେ ୟୁଏଇରେ ରହୁଛନ୍ତି। ସେ ଏକ ପ୍ରତିଷ୍ଠିତ ସଂସ୍ଥାର ନିର୍ଦ୍ଦେଶକ ଭାବେ କାମ କରୁଥିଲାବେଳେ ମା' ଅନିମାରାଣୀ ଫାର୍ମାସୀ ବ୍ୟବସାୟ କରନ୍ତି। ଅନିଶଙ୍କର ଏହି କୃତିତ୍ୱ ଲାଗି ଜେଜେ ରାଜକିଶୋର ଜେନା, ଜେଜେ ମା' ରାଧାରାଣୀ ଜେନା, ଅଜା ନାରାୟଣ ପ୍ରସାଦ ନାୟକ, ଆଈ କୁମୁଦଲତା ନାୟକ, ବନ୍ଧୁ ଓ ପରିବାରବର୍ଗଙ୍କ ସମେତ ଗାଁ ଓ ୟୁଏଇରେ ରହୁଥିବା ପ୍ରବାସୀଙ୍କ ପକ୍ଷରୁ ଅନିଶଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି।

## ଫେବୃଆରୀ ୨ରୁ ଶ୍ରୀଶ୍ରୀ ଅଷ୍ଟଲକ୍ଷ୍ମୀ ମହାଯଜ୍ଞ

ଭୁବନେଶ୍ୱର,୨୮।୧୨ (ସୌମ୍ୟରଞ୍ଜନ ରାଉତ)

ପ୍ରଥମଥର ପାଇଁ ଓଡ଼ିଶାବାସୀଙ୍କ ଶାନ୍ତି, ସମୃଦ୍ଧି ଓ କଲ୍ୟାଣ ତଥା ପରିବେଶ ଏବଂ ବାୟୁମଣ୍ଡଳ ଉଦ୍ଦେଶ୍ୟରେ ଶ୍ରୀଶ୍ରୀ ଅଷ୍ଟଲକ୍ଷ୍ମୀ ମହାଯଜ୍ଞ ଆୟୋଜନ କରାଯାଉଛି। ଫେବୃଆରୀ ୨ ଶ୍ରୀପଞ୍ଚମୀଠାରୁ ୧୦ ତାରିଖ ମାଘ ଶୁକ୍ଳ ତ୍ରୟୋଦଶୀ ପର୍ଯ୍ୟନ୍ତ ଏହି ମହାଯଜ୍ଞ ପୁରୀ ବ୍ରହ୍ମଗିରି ରାସ୍ତା ଗିରଳ ଛକ ନିକଟ ଶାମୁକା ପ୍ରକଳ୍ପ ପାଖରେ ଅନୁଷ୍ଠିତ ହେବ। ଏନେଇ ପୂଜାନନା ଯଜ୍ଞ ଫାଉଣ୍ଡେଶନ ଓ ପରିବର୍ତ୍ତନ ଓଡ଼ିଶା ପକ୍ଷରୁ ଶନିବାର ସୂଚନା ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ମହାଯଜ୍ଞରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ୧୫୧ଜଣ ବୈଦିକ ବ୍ରାହ୍ମଣ ଯୋଗଦେବେ। ଏହି ନବଦିନାତ୍ମକ ଯଜ୍ଞାନୁଷ୍ଠାନରେ ୨୫ଟି ଯଜ୍ଞକୁଣ୍ଡ ରହିବ। ପଣ୍ଡିତମାନେ ଆଧ୍ୟାତ୍ମିକ, ମାନସିକ, ଭାବାବେଗ ସହ ଲୋକଙ୍କୁ ଯୋଡ଼ିବା ପାଇଁ ପ୍ରାୟ ୧୨ଲକ୍ଷରୁ ଅଧିକ ମନ୍ତ୍ର ପଢ଼ିବେ। ସେହିପରି ୧.୨୦ଲକ୍ଷ ଆହୁତି ଦିଆଯିବ। ଏଥିରେ ଶୁଦ୍ଧ ଘିଅ, ଚେରମୂଳି, ପ୍ରାକୃତିକ ଧୂପ ଆଦି ବ୍ୟବହାର କରାଯିବ। ମୁଖ୍ୟ ଯଜ୍ଞ କୁଣ୍ଡକୁ ଲାଗି ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣରେ ୪ଟି ଯଜ୍ଞ ମଣ୍ଡପ ରହିବ। ସେଠାରେ ମା' ଲକ୍ଷ୍ମୀଙ୍କର ୮ଟି ମୂର୍ତ୍ତି ପ୍ରତିଷ୍ଠା ହେବ। ପାଖାପାଖି ୨୫ କୁଇଣ୍ଟାଲରୁ ଅଧିକ ଶୁଦ୍ଧ ଘିଅ ବ୍ୟବହାର କରାଯିବ। ପ୍ରାୟ ୧୬ ଏକର ସ୍ଥାନରେ ଏହି ମହାଯଜ୍ଞ ଆୟୋଜିତ ହେବ। ସମ୍ମିଳନୀରେ ବଡ଼ ଓଡ଼ିଆ ମଠ ପୁରୀର ମହନ୍ତ ମହାରାଜ ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ, ପୁରୀ ଯଜ୍ଞ କମିଟି ସଦସ୍ୟ ସଂଗ୍ରାମ କାନୁନ୍‌ଗୋ, ଫାଉଣ୍ଡେଶନର ସଭାପତି ଗୁରୁ ଚରଣ ପଣ୍ଡା ଉପସ୍ଥିତ ରହି ସୂଚନା ଦେଇଥିଲେ।

## ସଂକ୍ଷେପରେ

### ହାତୀପଲ ନଷ୍ଟକଲେ କଳେଇ ଗଦା

ବେଗୁନିଆ,୨୮।୧୨(ସନ୍ଧ୍ୟାରାଣୀ ମିଶ୍ର)

ଶଗଡ଼ଭଙ୍ଗା ପଞ୍ଚାୟତର ବିଭିନ୍ନ ଗ୍ରାମରେ ୧୦ ଟିକିଆ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଆସି କଳେଇ ଗଦା ଖାଇବା ସହିତ ନଷ୍ଟ କରିଦେଇଛନ୍ତି। ବେତରଜଙ୍ଗ ଗ୍ରାମର ଚାଷୀ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଦୁଃଶାସନ ମହାରଣା, କାହ୍ନୁ ଚରଣ ଛୋଟରାୟ, ସୁରେନ୍ଦ୍ର ଛୋଟରାୟ, ଅନୁପମା ଛୋଟରାୟ, ଦ୍ୱିଜରାଜ ସାଇଁ, ମାନପୁର ରବୀନ୍ଦ୍ର ସ୍ୱାଇଁ ଏବଂ ନନ୍ଦପୁର ଗ୍ରାମର ଯଦୁମଣି ସାଇଁ ଓ ରତ୍ନାକର ରାୟ ବିଲରୁ ଧାନ କାଟି ଗଦା କରି ରଖିଥିଲେ। ହାତୀପଲ କଳେଇ ଗଦାକୁ ନଷ୍ଟ କରିବା ଚାଷୀଙ୍କ ପାଇଁ ବୋଝ ଉପରେ ଲଳିତା ବିଡ଼ା ସଦୃଶ ହୋଇଛି।

### ସେମିରେ ଖଲିସାହି କ୍ରିକେଟ କ୍ଲବ

ବୋଲଗଡ଼,୨୮।୧୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଟାଙ୍ଗୀ ପଡ଼ିଆରେ ଅନୁଷ୍ଠିତ ଚତୁର୍ଦ୍ଦଶତମ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଠଣାପଲ୍ଲୀ କ୍ରିକେଟ କ୍ଲବ ଏବଂ ଖଲିସାହି କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ଠଣାପଲ୍ଲୀ ଟିମ୍ ବୋଲିଂ ନିଷ୍ପତ୍ତି ନେଇଥିଲା। ଖଲିସାହି ପ୍ରଥମେ ବ୍ୟାଟିଂକରି ୧୮.୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୦୧ ରନ୍ ସଂଗ୍ରହ କରିଥିଲା। ଜବାବରେ ଠଣାପଲ୍ଲୀ ୧୮.୨ ଓଭରରେ ସମସ୍ତ ଉଇକେଟ ହରାଇ ୯୨ ରନ୍ ସଂଗ୍ରହକରି ପରାଜିତ ହୋଇଥିଲା। ଫଳରେ ଖଲିସାହି ଟିମ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ରାଜକୁମାର ବଳିୟାରସିଂ ଏବଂ ନିବାସୀ ପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ମାନସ କୁମାର ବେହେରା, ସମ୍ମାନିତ ଅତିଥିଭାବେ ଖବରଦାତା ଭକ୍ତିଭୂଷଣ ମହାପାତ୍ର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବ ସଭାପତି ନିରଞ୍ଜନ ନାୟକ, ସଦସ୍ୟ ବିଜୁ, ବବୁଲ, ରଘୁନାଥ, ଗାନ୍ଧୀ, ରାଜକୁମାର ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ରବିବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସଂପୁର କ୍ରିକେଟ କ୍ଲବ ଏବଂ ପିଚୁକୁଳି କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ପରିଚାଳକ ଶାନ୍ତନୁ କୁମାର ଛୋଟରାୟ କହିଛନ୍ତି।

### ଫାଇନାଲରେ ଫ୍ରେଣ୍ଡ୍ସ ପାରାଡାଇଜ୍ ଜଟଣୀ

ଯାଁଳା,୨୮।୧୨(ବୁଲା ବାରିକ)

ଭୁବନେଶ୍ୱର ଉପକଣ୍ଠ ମଦନପୁର ନବଜ୍ୟୋତି କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ହାଇସ୍କୁଲ ଖେଳପଡ଼ିଆରେ ସର୍ବଭାରତୀୟ ମଦନପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶନିବାର ଫ୍ରେଣ୍ଡ୍ସ ପାରାଡାଇଜ୍ ଜଟଣୀ ଏବଂ ଇଣ୍ଡିପେଣ୍ଡେଣ୍ଟ କ୍ଲବ କଟକ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ୩-୦ଗୋଲରେ ଫ୍ରେଣ୍ଡସ୍ ପାରାଡାଇଜ୍ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଦିଲୀପ କୁମାର ରାଉତ, ଶିବ ପ୍ରସାଦ ସାମନ୍ତରାୟ, ଏମ୍.ଏସ୍.ବେଗ, ଶିବ ଶଙ୍କର ପଣ୍ଡା ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।

### ନୂଆଗାଁ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ଖୋର୍ଦ୍ଧା,୨୮।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଞ୍ଚାୟତ ଅଧୀନ ଉଇଲକିଶନ ନଗର ଗ୍ରାମର ମା'ଅଁଳାଇ ଦେବୀ ପୀଠ କ୍ରିକେଟ ଖେଳପଡ଼ିଆରେ ଯୁବଖେଳାଳି ଜିତେନ୍ଦ୍ର ମହାରଣାଙ୍କ ସ୍ମୃତିରେ ଦ୍ୱିତୀୟ ବାର୍ଷିକ ନୂଆଗାଁ ପ୍ରିମିୟର ଲିଗ୍ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମା ଅଁଳାଇ କ୍ରିକେଟ କ୍ଲବ ସଭାପତି ସତ୍ୟନାରାୟଣ ସୁନ୍ଦରାୟଙ୍କ ସଂଯୋଜନାରେ ଗ୍ରାମ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସମ୍ପାଦକ ସନାତନ ବିଶ୍ୱାଳ, ପୂର୍ବତନ ଖେଳାଳି ତୁଷାରକାନ୍ତ ବିଶ୍ୱାଳ, ଆକାଶ ବିଶ୍ୱାଳ, ଗୋପାଳକୃଷ୍ଣ ପ୍ରଧାନ, ସୁଦର୍ଶନ ବିଶ୍ୱାଳ ପ୍ରମୁଖ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସକୁ ହରାଇ ୟଙ୍ଗ ଫାଇଟରସ ଇଲେଭେନ ଟିମ୍ ବିଜୟୀ ହୋଇଛି। ସେହିପରି ଦ୍ୱିତୀୟ ମ୍ୟାଚରେ ଚନ୍ଦ୍ରଶେଖର ୱାରିୟର୍ସକୁ ହରାଇ ଅଁଳାଇ ୱାରିୟର୍ସ ଟିମ୍ ବିଜୟୀ ହୋଇଛି। ତୃତୀୟ ମ୍ୟାଚରେ ବଜରଙ୍ଗୀ ଫାଇଟର୍ସକୁ ହରାଇ ରୟାଲ ଚ୍ୟାଲେଞ୍ଜର୍ସ ଟିମ୍ ବିଜୟୀ ହୋଇଥିଲା। ସେହିପରି ଚତୁର୍ଥ ମ୍ୟାଚରେ ଇଲେଭନ ଇଗଲ୍‌କୁ ହରାଇ ଚନ୍ଦ୍ରଶେଖର ୱାରିୟର୍ସ ଟିମ୍ ବିଜୟୀ ହୋଇଛି।

# ଆଜି ଆଲ୍ଲାହାବାଦ ବ୍ୟାଙ୍କ ଛକରୁ ହେବ ଉଚ୍ଛେଦ

ଖୋର୍ଦ୍ଧା,୨୮।୧୨(ପ୍ରଭାତ ପାଣିଗ୍ରାହୀ)

- ୬୧ ବ୍ୟବସାୟୀଙ୍କ ସରିଛି ଚୁକ୍ତି, ଅନ୍ୟଙ୍କୁ ନୋଟିସ ଜାରି
- ପ୍ରାଥମିକ ଚିକିତ୍ସା, ଆମ୍ବୁଲାନ୍ସ ପାଇଁ ଚିଠି ଲେଖିଲେ ଏସ୍‌ପି
- ଉଚ୍ଛେଦକୁ ନେଇ ବ୍ୟବସାୟୀଙ୍କ ପକ୍ଷରୁ ହାଇକୋର୍ଟରେ ଚ୍ୟାଲେଞ୍ଜ
- ୨ ପର୍ଯ୍ୟାୟ ୩୦ ଜାନୁଆରୀ, ୨୫ ଫେବୃଆରୀରେ ହେବ ଶୁଣାଣି

ଖୋର୍ଦ୍ଧାରେ ବଢ଼ିଚାଲିଥିବା ଟ୍ରାଫିକ୍ ସମସ୍ୟା ଏବଂ ସହରର ସୌନ୍ଦର୍ଯ୍ୟକରଣ ପାଇଁ କ୍ୟାବିନ ଏବଂ ଉଠାଦୋକାନୀଙ୍କୁ ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଅନ୍ୟପଟେ ଉଚ୍ଛେଦ ଏବଂ ଥଇଥାନକୁ ନେଇ ବିରୋଧ କରିଛି ବ୍ୟବସାୟୀ ମହାସଂଘ। ଗତ ୧୦ ତାରିଖରେ ପ୍ରଶାସନ ପକ୍ଷରୁ ଉଚ୍ଛେଦକୁ ବିରୋଧକରି ଶତାଧିକ ବ୍ୟବସାୟୀ ଟ୍ରାଫିକ୍ ଛକରେ ଧାରଣା ଦେଇଥିଲେ। ଆଲୋଚନା ପରେ ପ୍ରଶାସନ ପକ୍ଷରୁ ଉଚ୍ଛେଦକୁ ୫ ଦିନ ପାଇଁ ସ୍ଥଗିତ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ଖୋର୍ଦ୍ଧା ମହୋତ୍ସବ ଏବଂ ଅନ୍ୟ କାରଣ ପାଇଁ ଉଚ୍ଛେଦକୁ ସାମୟିକ ବନ୍ଦ ରଖାଯାଇଥିଲା। ତେବେ ରବିବାର ପ୍ରଶାସନ ପକ୍ଷରୁ ଆଲ୍ଲାହାବାଦ ବ୍ୟାଙ୍କ ଛକରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱରେ ଥିବା କ୍ୟାବିନ ଉଚ୍ଛେଦ ହେବ ବୋଲି ସୂଚନା ମିଳିଛି। ଉଚ୍ଛେଦ ସମୟରେ ଆଇନଶୃଙ୍ଖଳା ଦୃଷ୍ଟିରୁ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଏସ୍‌ପି ସାଗରିକା ନାଥ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଟାଉନ ଥାନା ପରିସରରେ ଅସ୍ଥାୟୀ ପ୍ରାଥମିକ ଚିକିତ୍ସା ଏବଂ ଆମ୍ବୁଲାନ୍ସ ବ୍ୟବସ୍ଥା ପାଇଁ ଚିଠି ଲେଖିଛନ୍ତି। ଉଚ୍ଛେଦ ଲାଗି ପ୍ରଶାସନସ୍ତରରେ ଜୋର୍‌ସୋର ପ୍ରସ୍ତୁତି ଚାଲିଥିବା ବେଳେ ଏ ସଂକ୍ରାନ୍ତରେ କେହି ମୁହଁ ଖୋଲିବାକୁ ନାରାଜ।

ଅନ୍ୟପକ୍ଷରେ ଉଚ୍ଛେଦ ପ୍ରତିବାଦରେ ବ୍ୟବସାୟୀ ମହାସଂଘ କରିଥିବା(ରିଟ୍ ପିଟିଶନ) ଆବେଦନପତ୍ରକୁ ଗତ ୨୦ ତାରିଖରେ ହାଇକୋର୍ଟଙ୍କ ଜଣିକିଆ ଖଣ୍ଡପୀଠ ଜଜ୍ ବି.ପି. ରାଉତରାୟ ଖାରଜ କରିଥିଲେ। ତେବେ ସେହି ତାରିଖରେ ବ୍ୟକ୍ତିଗତ ଭାବେ ବ୍ୟବସାୟୀମାନେ ଦାଖଲ କରିଥିବା ଆବେଦନକୁ ଗ୍ରହଣକରି ପୁଣି ଏକ ଅନ୍ତରୀଣ ନିର୍ଦ୍ଦେଶନାମା ଜାରି କରିଥିବା ବେଳେ ପରବର୍ତ୍ତୀ ଶୁଣାଣି ୨୦୨୫ ଜାନୁଆରୀ ୩୦କୁ ସ୍ଥିର କରିଛନ୍ତି। ଏହାରି ମଧ୍ୟରେ ଖୋର୍ଦ୍ଧା ପୌରନିର୍ବାହୀ ଅଧିକାରୀଙ୍କୁ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ସମୟରେ ୩୪ଜଣ ବ୍ୟବସାୟୀ ବିନା ଥଇଥାନରେ ଉଚ୍ଛେଦକୁ ଚାଲେଞ୍ଜ କରି ହାଇକୋର୍ଟରେ ଆବେଦନପତ୍ର ଦାଖଲ କରିଥିଲେ। ଏଥିରେ ଓଡ଼ିଶା ସରକାର, ଖୋର୍ଦ୍ଧା ଜିଲାପାଳ, ପୌରାଧକ୍ଷା, ପୌରନିର୍ବାହୀ ଅଧିକାରୀ ଏବଂ ତହସିଲଦାରଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଗତ ୨୪ ତାରିଖରେ ଜଣିକିଆ ଖଣ୍ଡପୀଠ ଏହାର ଶୁଣାଣି କରିଥିଲେ। ହାଇକୋର୍ଟ ପୌରାଧକ୍ଷା ଏବଂ ନିର୍ବାହୀ ଅଧିକାରୀଙ୍କୁ ପକ୍ଷ ରଖିବାକୁ ନୋଟିସ ଜାରି କରିଥିବା ବେଳେ ୨୦୨୫ ଫେବୃଆରୀ ୨୫ ତାରିଖ ପର୍ଯ୍ୟନ୍ତ ବ୍ୟବସାୟୀଙ୍କ ସପକ୍ଷରେ ଷ୍ଟାଟସ୍‌କୋ ଦେଇଛନ୍ତି।

ପୌରନିର୍ବାହୀ ଅଧିକାରୀ ରିଜ୍‌ୱାନା କଥକବଙ୍କ ସୂଚନା ପ୍ରକାରେ, ପ୍ରାଥମିକ ପର୍ଯ୍ୟାୟରେ ଆଲ୍ଲାହାବାଦ ବ୍ୟାଙ୍କଠାରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଟ୍ରାଫିକ୍ ଛକଠାରୁ ସମବାୟ ଛକ, ପଞ୍ଚସଖା ଏବଂ ଲକ୍ଷ୍ମୀ ମାର୍କେଟ, ଟାଉନ ଓ ଡାକ ବିଭାଗ ପାର୍ଶ୍ୱରେ ରହିଥିବା କ୍ୟାବିନ ଉଚ୍ଛେଦ ପାଇଁ ସ୍ଥିର କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ପରିବା, ଫଳ ଏବଂ ଅନ୍ୟ ବ୍ୟବସାୟୀଙ୍କୁ ମିଶାଇ ମୋଟ ୧୬୬ ବ୍ୟବସାୟୀଙ୍କୁ ଟିଏଲ୍‌ସିରେ ନିର୍ମିତ ଭେଣ୍ଡିଂ ଜୋନ୍‌ରେ ଥଇଥାନ ପାଇଁ ସ୍ଥିର କରାଯାଇଛି। ୬୧ଜଣ ବ୍ୟବସାୟୀ ଲଟେରିରେ ଆବଣ୍ଟିତ ସଂଖ୍ୟା ଅନୁଯାୟୀ ପୌର ପ୍ରଶାସନ ସହ ଚୁକ୍ତିନାମା କରିଥିବା ବେଳେ ଅନ୍ୟମାନଙ୍କୁ ଆଗାମୀ ସପ୍ତାହ ମଧ୍ୟରେ ପୌର କାର୍ଯ୍ୟାଳୟଠାରୁ ଆବଣ୍ଟିତ ନମ୍ବର ସଂଗ୍ରହ ପାଇଁ ନୋଟିସ ଜାରି କରାଯାଇଛି।

## ଏମ୍‌ପି, ବିଧାୟିକାଙ୍କ ଚିନାବାଦାମ କ୍ଷେତ୍ର ପରିଦର୍ଶନ



ପୁରୀ ଏମ୍‌ପି ଡା. ସମ୍ବିତ୍ ପାତ୍ର ଏବଂ ବ୍ରହ୍ମଗିରି ବିଧାୟିକା ଉପସନା ମହାପାତ୍ର ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

କୃଷ୍ଣପ୍ରସାଦ,୨୮।୧୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଲଘୁଚାପଜନିତ ବର୍ଷା ଯୋଗୁ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ ଚିନାବାଦାମ ଚାଷ ପ୍ରଭାବିତ ହୋଇଛି। ବିଭିନ୍ନ ବ୍ୟାଙ୍କ ଓ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରୁ ଋଣ ଆଣି ଚାଷୀମାନେ ଚାଷ କରିଥିଲେ। ହେଲେ ଅଦିନିଆ ବର୍ଷାରେ ସବୁ ଉଜୁଡ଼ି ଯାଉଥିବା ଦେଖି ଋଣ କିପରି ଶୁଝିବେ ଓ ପରିବାରର ଖର୍ଚ୍ଚ କିପରି ତୁଲାଇବେ ଏହି ଚିନ୍ତାରେ ଚାଷୀମାନେ ଭାଙ୍ଗିପଡ଼ିଛନ୍ତି। ପୁରୀ ଏମ୍‌ପି ଡା. ସମ୍ବିତ୍ ପାତ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଶନିବାର ଏହି ବ୍ଲକ ଅଧୀନ ସମସ୍ତ ଚାଷକ୍ଷେତ ପରିଦର୍ଶନ କରିଥିଲେ। ଚାଷୀମାନଙ୍କୁ କ୍ଷତିପୂରଣ ସହ ସମସ୍ତ ସହାୟତା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମାରେ ଯେଉଁମାନେ ଅନ୍ତର୍ଭୁକ୍ତ ଥିବେ ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଏମ୍‌ପି ପାତ୍ର କହିଛନ୍ତି। ସ୍ଥାନୀୟ ତହସିଲଦାର ସୁନୀଲ ପ୍ରଧାନ, ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରଦୀପ ଦାଶ, ବ୍ଲକ କୃଷି ଅଧିକାରିଣୀ ରାଜଲକ୍ଷ୍ମୀ ସାହୁ, ସୌମ୍ୟରଞ୍ଜନ ପାତ୍ର, ରାମଚନ୍ଦ୍ର ବୈରୀଗଞ୍ଜନ, ଉତ୍ତମ ତରେଇ, ସୁରେନ୍ଦ୍ର ବିଶ୍ୱାଳ, କେଦାରନାଥ ବିଶ୍ୱାଳ, ବିଶ୍ୱଜିତ୍ ବିଶ୍ୱାଳ, ପ୍ରଦୀପ ଜେନା, ହରିହର ଦାଶ, ଅଜୟ ବିଶ୍ୱାଳ, ସଦାନନ୍ଦ ପ୍ରଧାନ, ରାମଚନ୍ଦ୍ର ସେଠୀ, ପ୍ରଦୀପ ସେଠୀ, ଛଇଲ କିଶୋର ନାୟକ, ରାଜକିଶୋର ନାୟକ, ରାଜ କିଶୋର ସାହୁ ପ୍ରମୁଖ କ୍ଷେତ୍ର ପରିଦର୍ଶନ ବେଳେ ଉପସ୍ଥିତ ଥିଲେ।

### ଜାକୋବିନ୍ କ୍ଲବ ଚୌଦ୍ୱାର ସେମିଫାଇନାଲରେ

କଣ୍ଟାବାଡ଼ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବେଗୁନିଆ,୨୮।୧୨
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ କଣ୍ଟାବାଡ଼ ସ୍ଥିତ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ୫ମ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଶନିବାର ଚୌଦ୍ୱାରର ଜାକୋବିନ୍ କ୍ରିକେଟ କ୍ଲବ ଏବଂ ମାଣିଆବନ୍ଧ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ଜାକୋବିନ୍ କ୍ଲବ ୨୦ ଓଭରରେ ସମସ୍ତ ଉଇକେଟ ବିନିମୟରେ ୨୨୪ ରନ୍ ସଂଗ୍ରହ କରିଥିଲା। ଜବାବରେ ମାଣିଆବନ୍ଧ କ୍ଲବ ୨୦ ଓଭରରେ ୮ ଉଇକେଟ ହରାଇ ୧୭୫ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଜାକୋବିନ୍ କ୍ଲବ ଚୌଦ୍ୱାର ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଟିମ୍‌ର ଭକ୍ତ ରାଉତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

### ଚିତ୍ରାଙ୍ଗଦା ସାମନ୍ତରାୟଙ୍କ ପରଲୋକ

ଖୋର୍ଦ୍ଧା,୨୮।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକର ଉପାଧ୍ୟକ୍ଷ ପ୍ରକାଶ କୁମାର ସାମନ୍ତରାୟଙ୍କ ମା' ଚିତ୍ରାଙ୍ଗଦା ସାମନ୍ତରାୟଙ୍କ ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୮୫ବର୍ଷ ବୟସ ହୋଇଥିଲା। ସେ ମିଷ୍ଟଭାଷୀ, ମେଳାପୀ, ଧର୍ମପରାୟଣ ମହିଳାଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳ ସମେତ ନନ୍ଦପୁର ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ପରିବାରର ସମସ୍ତ ପୁଅ, ଝିଅ ଜ୍ୱାଇଁ, ପୁତୁରା ଝିଆରୀ, ନାତି ନାତୁଣୀଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ, ପୌରାଞ୍ଚଳର କାଉନସିଲର ତାଙ୍କ ବାସଭବନରେ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ବବ୍ରୁବାହାନ ସାମନ୍ତରାୟ ମୁଖାଗ୍ନି ଦେଇଥିଲେ। ଖଣ୍ଡପଡାର ପୂର୍ବତନ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ଖୋର୍ଦ୍ଧାର ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ସମାଜସେବୀ ଡ.ସଞ୍ଜୟ ପଟ୍ଟନାୟକ, ଲଳିତ ମୋହନ ମହାପାତ୍ର ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଲକ୍ଷିତ



@ ବର୍ଷା



@ ଦେବରାଜ



@ ଅରୁଣୋଦୟ



@ ଦୁର୍ଯ୍ୟୋଧନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସେବା ସମବାୟ ସମିତି ଆଗରେ ଚାଷୀଙ୍କ ବିକ୍ଷୋଭ

ନିରାକାରପୁର,୨୮।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଲଘୁଚାପଜନିତ ବର୍ଷା ପ୍ରଭାବରେ ଧାନ ଫସଲ ନଷ୍ଟ ହୋଇଛି। ଫଳରେ ବର୍ଷକର ଆହାର ଚିନ୍ତାରେ ଚାଷୀକୁଳ। ଅନ୍ୟପଟେ ସୋସାଇଟିର ଅବହେଳା ଯୋଗୁ ଶତାଧିକ ଚାଷୀ ଫସଲ ବୀମା ପଞ୍ଜୀକରଣରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଚାଷୀମାନେ ଶନିବାର ଲେଣ୍ଡୋ ସେବା ସମବାୟ ସମିତି ସମ୍ମୁଖରେ ବିକ୍ଷୋଭ କରିଥିଲେ। ସୂଚନା ଅନୁଯାୟୀ, ଲେଣ୍ଡୋ ପଞ୍ଚାୟତର ଆସେଲି, ଆରେଡ଼ି, ଅରାଞ୍ଚଳ, ଲଳିତା ପାଟପୁର, ଲେଣ୍ଡୋ, ଗୋପୀନାଥପୁର ଏବଂ ଡିଆ ପଞ୍ଚାୟତର କପିଳେଶ୍ୱରପୁର ଆଦି ଗ୍ରାମକୁ ନେଇ ଲେଣ୍ଡୋ ସେବା ସମବାୟ ସମିତି ଗଠିତ। ଏହି ସମିତିରେ ୮ ଶହରୁ ଉର୍ଦ୍ଧ୍ୱ ଚାଷୀ ରହିଛନ୍ତି। ତେବେ ୨ଶହରୁ ଉର୍ଦ୍ଧ୍ୱ ଚାଷୀ ଫସଲ ବୀମା ପଞ୍ଜୀକରଣ କରିଥିବା ବେଳେ ଅନ୍ୟ ଚାଷୀମାନେ ଏହି ପଞ୍ଜୀକରଣ କରିନାହାନ୍ତି। ସୋସାଇଟିର ଅବହେଳା ଯୋଗୁ ଫସଲ ବୀମା ପଞ୍ଜୀକରଣରୁ ବଞ୍ଚିତ ହୋଇଛୁ ବୋଲି ଚାଷୀ ନାରାୟଣ ପାଟଶାଣୀ, ସୁଦର୍ଶନ ପାଟଶାଣୀ, ଭାଗୀରଥି ସାହୁ, ଅନନ୍ତ ବଳିୟାରସିଂହ ପ୍ରମୁଖ କହିଛନ୍ତି। ଏବେ ବର୍ଷା ପ୍ରଭାବରେ ଧାନ ଫସଲ ନଷ୍ଟ ହୋଇଯାଇଥିବା ବେଳେ ଉକ୍ତ ବୀମା ମାଧ୍ୟମରେ କିପରି ଫଳପ୍ରଦ ହୋଇପାରିବୁ, ସେ ନେଇ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ରବିନାରାୟଣ ପାଟଶାଣୀ, ନୃସିଂହ ପାଟଶାଣୀ, ବନମାଳି ଜେନା ପ୍ରମୁଖ ଚାଷୀ ନିବେଦନ କରିଛନ୍ତି। ଅନ୍ୟପଟେ ଏ ନେଇ ସମିତି ସମ୍ପାଦକଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଏନେଇ ସୋସାଇଟି ସଭାପତି କୁହନ୍ତି. କେତେଜଣ ଚାଷୀ ସମିତି କାର୍ଯ୍ୟାଳୟକୁ ଆସିଥିଲେ ବୋଲି ଖବର ପାଇଛି।



ଲେଣ୍ଡୋ ସେବା ସମବାୟ ସମିତି ଆଗରେ ଚାଷୀମାନେ ବିକ୍ଷୋଭ କରୁଛନ୍ତି।

## ଉଜୁଡ଼ା ଫସଲ ଦେଖି ଚାଷୀଙ୍କ ଜୀବନ ଗଲା

ବାଣପୁର,୨୮।୧୨(ଦିଲୀପ କୁମାର ସ୍ୱାଇଁ)

ଅଦିନିଆ ବର୍ଷାରେ ଉଜୁଡ଼ି ଯାଇଥିବା ଧାନ ଫସଲକୁ ଦେଖି ପୁଣି ଜଣେ ଚାଷୀଙ୍କ ଜୀବନ ଯାଇଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଅନ୍ତର୍ଗତ କୁମାରାଙ୍ଗ ପଞ୍ଚାୟତର ମେଘନାଦ ଦଳବେହେରା (୬୮)। ସୂଚନା ଅନୁଯାୟୀ, ଗତ ୪ଦିନ ଧରି ଲଘୁଚାପ ପ୍ରଭାବରେ ସ୍ଥାନୀୟ ଅଞ୍ଚଳରେ ବର୍ଷା ଲାଗିରହିଥିଲା। ଶନିବାର ଓ ରବିବାର ଲଗାଣ ବର୍ଷା ପରେ ସୋମବାର ସକାଳେ ଫସଲ ଦେଖିବା ପାଇଁ ଫାଉଡ଼ା ଧରି ମେଘନାଦ କ୍ଷେତକୁ ଯାଇଥିଲେ। କଟାହୋଇଥିବା ଧାନ ପାଣିରେ ଭିଜୁଥିବା ସେ ଦେଖିବାକୁ ପାଇଥିଲେ। ଜମିରୁ ପାଣି ନିଷ୍କାସନ ନିମନ୍ତେ ହୁଡ଼ା କାଟି ଘରକୁ ଫେରୁଥିଲେ। ହେଲେ ଘରଠାରୁ କିଛି ଦୂରରେ ହଠାତ୍ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ପରିବାର ସଦସ୍ୟମାନେ ତାଙ୍କୁ ତୁରନ୍ତ ବାଣପୁର ଡାକ୍ତରଖାନାକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦ୍‌ଘାତରେ ମେଘନାଦଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଛନ୍ତି। ରେଳ ବିଭାଗରୁ ଅବସର ନେବାପରେ ମେଘନାଦ ନିଜ ଗ୍ରାମରେ ରହି ଚାଷରେ ମନୋନିବେଶ କରିଥିଲେ। ତେବେ ଉଜୁଡା ଫସଲ ଦେଖି ମନରେ ହତାଶା ଭାବ ଜାତ ହେବା ସହ ଦୁଃଖରେ ମ୍ରିୟମାଣ ହୋଇପଡିବାରୁ ହୃଦ୍‌ଘାତରେ ମେଘନାଦଙ୍କ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ତୁରନ୍ତ କ୍ଷତିପୂରଣ ଦେବାକୁ ପରିବାର ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ପଦ୍ମନାଭ ଦୋରା କହିଛନ୍ତି, ତଦନ୍ତ ପରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ।



ମେଘନାଦ ଦଳବେହେରା

## ଲୋକ ପରମ୍ପରା, ଐତିହ୍ୟର ପୁନଃଜାଗରଣ କରୁଛି ମହୋତ୍ସବ

ବୋଲଗଡ଼,୨୮।୧୨(ଦେବବ୍ରତ ହୋତା)

ସ୍ଥାନୀୟ ମିନି ଷ୍ଟାଡିୟମ ସମ୍ମୁଖ ପଡ଼ିଆରେ ଅନୁଷ୍ଠିତ ୨୧ତମ ବୋଲଗଡ଼ ମହୋତ୍ସବ 'ଆଶା-୨୦୨୪'ର ଶନିବାର ଥିଲା ତୃତୀୟ ସନ୍ଧ୍ୟା। ଏଥିରେ ମୁଖ୍ୟ ଅତିଥିଭାବେ ବିଜେଡି ନେତା ମନ୍ମଥ ରାଉତରାୟ ଯୋଗଦେଇ ସ୍ଥାନୀୟ ଲୋକକଳାକୁ ଲୋକପ୍ରିୟ କରିବାରେ ମହୋତ୍ସବ ଏକ ପ୍ରମୁଖ ଭୂମିକା ନିର୍ବାହ କରିଛି ଏବଂ ମହୋତ୍ସବ ମଞ୍ଚରେ ଲୋକପରମ୍ପରା ଓ ଐତିହ୍ୟର ପୁନଃଜାଗରଣ ହୋଇପାରୁଛି ବୋଲି କହିଥିଲେ। ମହୋତ୍ସବ କମିଟି ସଭାପତି ବିଧାୟକ ପ୍ରଦୀପ ସାହୁ ଅଧ୍ୟକ୍ଷତା କରି କହିଥିଲେ, ମହୋତ୍ସବ ଏହି ଅଞ୍ଚଳର ସାଂସ୍କୃତିକ ଓ ବୌଦ୍ଧିକ ବାତାବରଣକୁ ସମୃଦ୍ଧ କରିବାରେ ସହାୟକ ହୋଇପାରିଛି। ବେଗୁନିଆ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଶିକ୍ଷାବିତ୍ କାଳୀଚରଣ ଜୟସିଂହ, ସୁମନ୍ତ ଛୋଟରାୟ, ବିଜେଡି ନେତ୍ରୀ ପ୍ରଭାତୀ ରାଉତରାୟ, ତୋଫାନ ବେହେରା, ରଶ୍ମିତା ରାଉତରାୟ, ରଞ୍ଜନ ଲେଙ୍କା, ପ୍ରଦୀପ ମହାପାତ୍ର, ଶୁଭଲକ୍ଷ୍ମୀ ସୁନ୍ଦରାୟ, ସନ୍ତୋଷ ବେହେରା, ଶୁଶାନ୍ତ ପାଇକରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ମହୋତ୍ସବ କମିଟି ସାଧାରଣ ସମ୍ପାଦକ ବୀର ଦାସ ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିବା ବେଳେ ଉପଦେଷ୍ଟା ରବୀନ୍ଦ୍ର ପରିଡ଼ା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅପରାହ୍ନରେ ଚନ୍ଦ୍ରବିଜୟୀ ମିଶ୍ରଙ୍କ ପରିଚାଳନାରେ ସ୍କୁଲ ପିଲାଙ୍କ ପାଇଁ କୁଇଜ କାର୍ଯ୍ୟକ୍ରମ ପରେ ଆଞ୍ଚଳିକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୋଡ଼ିଆଳିର ରମେଶ ନାୟକ ଓ ସାଥିଙ୍କ ଦ୍ୱାରା ସଙ୍କୀର୍ତ୍ତନ, ନୟାଗଡର ରୋଷନୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ମର୍ଦ୍ଦଳ ଡ୍ୟାନ୍ସ ଏବଂ ସାନକୁମାରୀର ସୁରେଶ ସେନାପତି ଏବଂ ସାଥିଙ୍କ ଦ୍ୱାରା ଭାରତ ଲୀଳା ଏବଂ ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ପ୍ରଦତ୍ତ ଭୁବନେଶ୍ୱରର ପ୍ରଜ୍ଞା ନୃତ୍ୟାୟନ ଦ୍ୱାରା ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ, ବରଗଡ଼ର ମା'ଅମ୍ବିକା ସାଂସ୍କୃତିକ କଳା ପରିଷଦ ଦ୍ୱାରା ସମ୍ବଲପୁରୀ ଲୋକନୃତ୍ୟ ସଙ୍ଗୀତ, ଗୌହାଟୀ ଆସାମର ବିହୁ ଲୋକନୃତ୍ୟ ଓ ଦଶପଲ୍ଲାର ପମିନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ହୋଇଥିଲା। ପୂଜ୍ୟପୂଜା ସମ୍ବର୍ଦ୍ଧନା ବିଭାଗରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଅବିନାଶ ସୁବୁଦ୍ଧିଙ୍କ ନିର୍ଦ୍ଦେଶନାରେ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀମାନେ ଆବାହନୀ ସଙ୍ଗୀତ ଗାନ କରିଥିଲେ। ପାର୍ବତୀକାନ୍ତ ଚମ୍ପତି ଧନ୍ୟବାଦ ଦେଇଥିଲେ।



ବୋଲଗଡ଼ ମହୋତ୍ସବ ତୃତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ବୋଲଗଡ଼ ମହୋତ୍ସବ ତୃତୀୟ ସନ୍ଧ୍ୟା

## ଆଜି କୋଲ୍‌କାତା ପୋଲିସ-ଛତିଶଗଡ଼ ଫାଇନାଲ

ଟାଙ୍ଗୀ,୨୮।୧୨(ରଘୁନାଥ ସାହୁ)

କୁହୁଡ଼ି ମହାବୀର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଜନତା ଷ୍ଟାଡିୟମରେ ଅନୁଷ୍ଠିତ ୬୫ତମ ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର କୋଲ୍‌କାତା ପୋଲିସ ଏବଂ ଆର୍‌କେଏମ୍ ଫୁଟ୍‌ବଲ ଏକାଡେମୀ ନାରାୟଣପୁର ଛତିଶଗଡ଼ ଟିମ୍ ମଧ୍ୟରେ ଖେଳାଯିବ ବୋଲି ସମ୍ପାଦକ ମନୋଜ କୁମାର ମାନସିଂହ କହିଛନ୍ତି। ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ କୋଲ୍‌କାତା ପୋଲିସ ଏବଂ ବୋକାରୋ ଷ୍ଟିଲ୍ ପ୍ଲାଣ୍ଟ ଟିମ୍ ମଧ୍ୟରେ ହୋଇଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ କୋଲ୍‌କାତା ଟିମ୍‌ର ରବୀନ୍ଦ୍ରନାଥ ଗୋଟିଏ ଗୋଲ୍ ଦେଇଥିଲେ। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ବୋକାରୋ ଷ୍ଟିଲ୍ ପ୍ଲାଣ୍ଟ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ୧-୦ ଗୋଲ୍‌ରେ କୋଲ୍‌କାତା ପୋଲିସ ଟିମ୍ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଶେଖାବତ୍ ଅଲ୍ଲୀଖାଁ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଗୋପାଳ ସାମନ୍ତରାୟ, ପ୍ରଫୁଲ୍ଲ ବେହେରା ଏବଂ ଅପର୍ତ୍ତି ବେହେରା ସହାୟତା କରିଥିଲେ। ଅତିଥିଭାବେ ପୂର୍ବତନ ଚିଲିକା ବିଧାୟକ ରଘୁନାଥ ସାହୁ, ମର୍ଚ୍ଚାଣ୍ଟ ନେଭି କ୍ୟାପ୍ଟେନ ମନ୍ମଥ ସିଂହ, ବୈକୁଣ୍ଠନାଥ ନାୟକ, ପଦ୍ମନାଭ ବିଶ୍ୱାଳ, ବାଳକୃଷ୍ଣ ମିଶ୍ର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

**ଦିବ୍ୟାଙ୍ଗଙ୍କ ଅଧିକାର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ**

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ସୋମପୁର ପଞ୍ଚାୟତ କାର୍ଯ୍ୟାଳୟରେ ଦିବ୍ୟାଙ୍ଗଙ୍କ ଅଧିକାର ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ଶ୍ରମିକ ସମବାୟ ସମିତି ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ମାଗଣା ମାସିକ ରାଶନ, ୬୦ ବର୍ଷ ପର୍ଯ୍ୟନ୍ତ ଦୁର୍ଘଟଣାଜନିତ ସହାୟତା ଓ ଅତ୍ୟାବଶ୍ୟକ ଦ୍ରବ୍ୟ ଉପରେ ୧୫ରୁ ୫୦ ପ୍ରତିଶତ ରିହାତି କିପରି ମିଳିବ ସେ ସମ୍ପର୍କରେ ସମିତିର ଅତିରିକ୍ତ ସଚିବ ସନ୍ଦୀପ କୁମାର ପାଲ୍ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ପୀତବାସ ଦାଶ, ନାଏବ ସରପଞ୍ଚ ମୁନିଜା ବେଗମ୍, ସିଇଓ ଚିନ୍ମୟୀ ପାଲ୍, ପବିତ୍ର ମୋହନ ସାହୁ, ଇତିଶ୍ରୀ ମହାପାତ୍ର, ଲିପକ ରଞ୍ଜନ ମହାରଣା ପ୍ରମୁଖ ଯୋଗଦେଇଥିଲେ।



# ଝୁମାଇବେ ବଲିଉଡ୍, ରଷିଆନ୍ କଳାକାର

## ଜିରୋ ନାଇଟ୍ ସେଲିବ୍ରେଶନ ପ୍ରସ୍ତୁତି

**କଟକ,୨୮।୧୨(ଶିଳ୍ପା ପ୍ରିୟଦର୍ଶିନୀ): ବିଦାୟ ନେଉଛି ୨୦୨୪। ନୂଆ ଆଶା, ଆକାଂକ୍ଷା ଓ ସମ୍ଭାବନା ନେଇ ଆସିବାକୁ ଯାଉଛି ୨୦୨୫। ପୁରୁଣା ବର୍ଷକୁ ବିଦାୟ ଦେବା ଓ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ କଟକ ସହରବାସୀ ବେଶ୍ ଉତ୍କଣ୍ଠାର ସହିତ ଚାହିଁ ବସିଛନ୍ତି। ଏହାକୁ ଦୃଷ୍ଟିରେ ରଖି ସହରରେ ଥିବା ବିଭିନ୍ନ କ୍ଲବ୍‌ରେ ଜିରୋ ନାଇଟ୍ ସେଲିବ୍ରେଶନ ପାଇଁ ପ୍ରସ୍ତୁତି ଚାଲିଛି। ବଲିଉଡ୍ ଓ ରଷିଆ ଡ୍ୟାନ୍ସଗ୍ରୁପ୍ କଳାକାରଙ୍କ ନୃତ୍ୟରେ ଝୁମିବେ ସହରବାସୀ। ଏଥିସହ କ୍ଲବ ପକ୍ଷରୁ ଖାଦ୍ୟ ବ୍ୟବସ୍ଥା କରାଯାଇଛି।**





❝ ଜିରୋ ନାଇଟ୍ ସେଲିବ୍ରେଶନବେଳେ ଲୋକମାନେ ନୃତ୍ୟ ଓ ସଙ୍ଗୀତରେ ଝୁମିବେ। ଏଥିପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବଲିଉଡ୍ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରିବେ। ଏଥିସହ ରଷିଆନ ବେଲି ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ନୃତ୍ୟ ପରିବେଷଣ କରାଯିବ। କୋଲକାତା କଳାକାରଙ୍କ ଦ୍ୱାରା ଏରିଏଲ ଆକ୍ଟ, ମୁମ୍ବାଇର ମିସ୍ ଟିନ୍ ୟୁନିଭର୍ସର କଳାକାରଙ୍କ ଦ୍ୱାରା ନୃତ୍ୟ ଓ ବଲିଉଡ୍ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ନୃତ୍ୟ ପରିବେଷଣ କରିବେ। ଆସନ୍ତା ୩୧ତାରିଖ ସନ୍ଧ୍ୟାରୁ ସମସ୍ତ କାର୍ଯ୍ୟକ୍ରମ ଆରମ୍ଭ ହେବ। କ୍ଲବ୍‌ର ସଦସ୍ୟଙ୍କ ପାଇଁ ପ୍ରବେଶ ନିଃଶୁଳ୍କ ଥିବାବେଳେ ଅନ୍ୟମାନଙ୍କ ପାଇଁ ପ୍ରବେଶ ଦେୟ ୩୦୦୦ ଓ ୫୦୦୦ ଟଙ୍କା ଲେଖାଏ ରଖାଯାଇଛି। କ୍ଲବ୍ ପକ୍ଷରୁ ସେମାନଙ୍କୁ ରାତ୍ରି ଭୋଜନ ଯୋଗାଇଦିଆଯିବ। କ୍ଲବ୍ ସଭାପତି ଡା. ଶ୍ରୀଜୟ ପଟ୍ଟନାୟକ, ସମ୍ପାଦକ ଶୁଭେନ୍ଦୁ ପଟ୍ଟନାୟକ, କୋଷାଧ୍ୟକ୍ଷ ଡା. ସୁଦୀପ୍ତା ପୋଦାର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବେ। କ୍ଲବ ପରିସରରେ ଆସନ୍ତା ୩୧ ତାରିଖ ପୂର୍ବାହ୍ନ ପର୍ଯ୍ୟନ୍ତ ଟିକେଟ୍ ବିକ୍ରି କରାଯିବ।

**ସୁଶାନ୍ତ ତ୍ରିପାଠୀ, ସଦସ୍ୟ, କଟକ କ୍ଲବ**

❝ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଜିରୋ ନାଇଟ୍ ସେଲିବ୍ରେଶନ ପାଇଁ ବ୍ୟବସ୍ଥା କରାଯାଇଛି। ଏଥର କୋଲକାତାର ଜିଆର୍ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ସଙ୍ଗୀତ ପରିବେଷଣ କରାଯିବ। ଏଥିସହ ଇଣ୍ଡିଆନ୍ ଆଇଡଲ ଫେମ୍ ମନୀଷା କର୍ମକାର ଓ ବଲିଉଡ୍ କଣ୍ଠଶିଳ୍ପୀ ଅଭିର ରାଏଙ୍କ ସଙ୍ଗୀତରେ ଝୁମିବେ ଦର୍ଶକ। ସେହିପରି ଏଲଟି ଡ୍ୟାନ୍ସ ଗ୍ରୁପ୍ ଓ ସ୍ୱାର୍କ ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିବେ। କ୍ଲବ୍ ପରିସରରେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଟିକେଟ ବିକ୍ରି କରାଯିବ। ମହିଳା ଷ୍ଟାଗ୍‌ଙ୍କ ପାଇଁ ୧୦୦୦ ଟଙ୍କା, ପୁରୁଷ ଷ୍ଟାଗ୍‌ଙ୍କ ପାଇଁ ୨୦୦୦ ଟଙ୍କା ଓ କପଲଙ୍କ ପାଇଁ ୨୫୦୦ ଟଙ୍କା ଲେଖାଏ ପ୍ରବେଶ ଦେୟ ରଖାଯାଇଛି। ଏହାସହ କ୍ଲବ୍ ପକ୍ଷରୁ ରାତ୍ରିଭୋଜନ ବ୍ୟବସ୍ଥା କରାଯିବ।



**ସଞ୍ଜୀବ ସାହୁ, ସମ୍ପାଦକ, ୟୁନିୟନ୍ କ୍ଲବ**

❝ କଟକ ଶିଖରପୁରଠାରେ ଥିବା ତଥାସ୍ତୁ କନ୍‌ଭେନ୍‌ଶନ୍‌ରେ ପ୍ରଥମଥର ଜିରୋ ନାଇଟ୍‌ସେଲିବ୍ରେଶନ କରାଯିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ସାଜିବେ କମେଡିଆନ ରାଜୁ ଦାସ। ଡିଜେ ତୋସିଫଙ୍କ ସଙ୍ଗୀତରେ ଝୁମିବେ ଦର୍ଶକ। କନ୍‌ଭେନ୍‌ଶନ ପକ୍ଷରୁ ର୍ୟାମ୍ପ ଶୋ' ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜନ ପାଇଁ ବ୍ୟବସ୍ଥା କରାଯାଇଛି। ସିଙ୍ଗଲ ପାଇଁ ୪୪୯ ଟଙ୍କା ଓ କପଲ ପାଇଁ ୭୯୯ ଟଙ୍କା ଲେଖାଏ ପ୍ରବେଶ ଦେୟ ରଖାଯାଇଛି। ଏହାସହ ଅତିଥିଙ୍କ ପାଇଁ ରାତ୍ରିଭୋଜନ ଓ ମକ୍‌ଟେଲ ଯୋଗାଇ ଦିଆଯିବ।



**ଦାମୋଦର ପତି, ମ୍ୟାନେଜର, ତଥାସ୍ତୁ କନ୍‌ଭେନ୍‌ସନ**

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଲକ୍‌ସିତ



@ ବର୍ଷା



@ ଦେବରାଜ



@ ଅରୁଣୋଦୟ



@ ଦୁର୍ଯ୍ୟୋଧନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**ସଂକ୍ଷେପରେ**

## ସାଲେପୁର ସାପ୍ତାହିକ ହାଟର ଜାଗା ଚିହ୍ନଟ ପ୍ରକ୍ରିୟା ଶେଷ

**ସାଲେପୁର,୨୮।୧୨(ଅରବିନ୍ଦ ଭୂୟାଁ)**

ସାଲେପୁର ସାପ୍ତାହିକ ହାଟ ଜାଗା ଚିହ୍ନଟ ପ୍ରକ୍ରିୟା ଶୁକ୍ରବାର ଶେଷହୋଇଥିବା ବେଳେ ଖୁବ୍‌ଶୀଘ୍ର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହେବ। ଏନେଇ ସାଲେପୁର ଅଞ୍ଚଳର ଜନସାଧାରଣ ଓ ବ୍ୟବସାୟୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ସାଲେପୁର ସାପ୍ତାହିକ ପରିବା ହାଟ କଟକ ଜିଲାର ଏକ ଗୁରୁତ୍ୱପୂର୍ଣ୍ଣ ହାଟ ହୋଇଥିବାବେଳେ ଏହି ହାଟର ଉନ୍ନତୀକରଣ ପାଇଁ କୌଣସି ଯୋଜନା କରାଯାଉ ନ ଥିଲା। ଶେଷରେ ସ୍ଥାନୀୟ ଲୋକେ ଏନେଇ ବାରମ୍ବାର ଦାବି କରିବା ପରେ ଶେଷରେ ପ୍ରଶାସନର ଚେତା ପଶିଛି। ତହସିଲ ପ୍ରଶାସନ ଓ ଆର୍‌ଏମ୍‌ସି ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ସାଲେପୁର ସାପ୍ତାହିକ ହାଟପାଇଁ ଜାଗା ଚିହ୍ନଟ କରାଯାଇଛି। ଏହାପରେ ନବୀକରଣ କାର୍ଯ୍ୟ ଆରମ୍ଭ ହେବ। ପ୍ରାଥମିକ ପର୍ଯ୍ୟାୟରେ ଜିଲାପାଳ ୫୦ଲକ୍ଷ ଟଙ୍କା ପ୍ରଦାନ କରିବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ସାଲେପୁର ସାପ୍ତାହିକ ହାଟରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ପକ୍କା ସେଡ୍‌ଗୁଡ଼ିକର ନବୀକରଣ କରିବା ପାଇଁ ଆକ୍ସନ ପ୍ଲାନ୍ ପ୍ରସ୍ତୁତ ହୋଇଛି।

## ବାଗଲପୁର ଛକରେ ସିରିଜ୍ ଦୁର୍ଘଟଣା

**କଣ୍ଟାପଡା,୨୮।୧୨(ସୁରନାରାୟଣ ସାହୁ)**

ଫୁଲନଖରା-ନିଆଳି ୬୦ ନମ୍ବର ରାଜ୍ୟ ରାଜପଥର ବାଗଲପୁର ନିକଟରେ ଶନିବାର ସକାଳେ ସିରିଜ୍ ଦୁର୍ଘଟଣା ଘଟିଛି। ଏଥିରେ କେହି ଆହତ ହୋଇ ନ ଥିଲେ ମଧ୍ୟ ଦୁର୍ଘଟଣାଗ୍ରସ୍ତ ଗାଡିଗୁଡିକ ଭାଙ୍ଗିରୁଜି ଯାଇଛି। ଦୁର୍ଘଟଣାଗ୍ରସ୍ତ ଜଣେ ଗାଡି ମାଲିକଙ୍କ ଝିଅ ମ୍ରିଣାଳିଙ୍କ ଅଭିଯୋଗକ୍ରମେ ଓଲଟପୁର ପୋଲିସ ଏକ ମାମଲା(ନଂ. ୧୪୭/୨୪) ରୁଜୁ କରି ୩ଟି ଗାଡି ଜବତ କରିଛି। ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ କଟକ କ୍ୟାଣ୍ଟନମେଣ୍ଟ ଅଞ୍ଚଳର ଖାରବେଳ ମହାନ୍ତି ଏକ କାର୍ (ନଂ.ଓଡି୦୫ବିବି-୧୭୮୩)ରେ କଟକରୁ ଅଡଶପୁର ଅଭିମୁଖେ ଯାଉଥିଲେ। ଏହି ସମୟରେ ଲୁହା ସ୍କୋୟାର ବାର୍ ବୋଝେଇକରି ଆସୁଥିବା ପିକ୍‌ଅପ୍ ଭ୍ୟାନ୍(ଓଡି୦୫ବିଜେ-୫୭୯୫) ପଛପଟୁ ଉକ୍ତ କାର୍‌କୁ ଧକ୍କା ଦେଇଥିଲା। ଫଳରେ ଖାରବେଳଙ୍କ କାର୍‌ଟି ତାଙ୍କ ସମ୍ମୁଖରେ ଯାଉଥିବା ଅନ୍ୟ ଏକ କାର୍(ନଂ. ଓଡି ୦୨ଏଇ-୩୭୩୭)କୁ ଧକ୍କା ଦେଇଥିଲା।



କଟକସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶାର ୪୯ ତମ ରାଜ୍ୟ ଅଧିବେଶନର ଶନିବାର ଉଦ୍‌ଯାପନୀ ଉତ୍ସବରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ରଘୁନାଥଜୀଉ ଡିଗ୍ରୀ କଲେଜରେ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**କଟକ,୨୮।୧୨(କାର୍ତ୍ତିକ ସାହୁ)**

କଟକ ଦେଉଳସାହିସ୍ଥିତ ରଘୁନାଥଜୀଉ ଡିଗ୍ରୀ କଲେଜରେ ତ୍ରି-ଦିବସୀୟ ଆନ୍ତଃ ଜିଲାସ୍ତରୀୟ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡ. ସତ୍ୟକାମ ମିଶ୍ର, ସମ୍ମାନିତ ଅତିଥି ଉତ୍କଳ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜକ ଡ. ବ୍ରଜ ନାରାୟଣ ପାତ୍ର, ଜିଲା ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଡ. ଜୟନ୍ତୀବାଳା ପରିଜା ଓ କଲେଜ ପରିଚାଳନା କମିଟିର ପୂର୍ବତନ ସଭାପତି ଡ. ଦିଲୀପ କୁମାର କର ଯୋଗଦେଇ ଶିବିରାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ପ୍ରୋଗ୍ରାମ ଅଫିସର ଡ. ସରୋଜ କୁମାର ଦାଶ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା, ପୂର୍ବତନ ପ୍ରୋଗ୍ରାମ ଅଫିସର ନୀହାର ରଞ୍ଜନ ରଥ ଅତିଥି ପରିଚୟ ଓ ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଡ. ମନୋରଞ୍ଜନ ମହାନ୍ତି, ଡ. ଅକ୍ଷୟ କୁମାର ନାୟକ ସୂଚନା ଅଧିକାର ଆଇନ୍ ଉପରେ ଆଲୋକପାତ କରିଥିଲେ।

## ବେଆଇନ ପାର୍କିଂ: ୭୩୦ ଗାଡ଼ିର କଟିଲା ଇ-ଚାଲାଣ

**ଭୁବନେଶ୍ୱର,୨୮।୧୨(ସୂର୍ଯ୍ୟକାନ୍ତ ବେହେରା)**

କଟକ-ଭୁବନେଶ୍ୱରରେ ଟ୍ରାଫିକ ଜାମ୍ ବିପଦ ସୃଷ୍ଟି କରୁଛି। ଜାତୀୟ ରାଜପଥଠାରୁ ଆରମ୍ଭ କରି ସହରର ବିଭିନ୍ନ ରାସ୍ତାରେ ବେଆଇନ ପାର୍କିଂ କରିବା ଯୋଗୁ ଲୋକେ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ବେଆଇନ ପାର୍କିଂ ବିରୋଧରେ କମିଶନରେଟ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବା ମୋଟ ୭୩୦ ଗାଡି ବିରୋଧରେ ଇ-ଚାଲାଣ କଟାଯାଇଛି। ଏହାସହ ୪୯ ଗାଡିକୁ ଜବତ କରାଯାଇଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଟ୍ରାଫିକ ନିୟମ ପାଳନ କରିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ବରମୁଣ୍ଡା, ଖଣ୍ଡଗିରି, ପଟିଆ, ରୁପାଲି ଛକ, ରବି ଟକିଜ, ଏଜି ଛକ, କଟକର ମଧୁପାଟଣା ଓ ଦୋଳମୁଣ୍ଡାଇ ଛକ, କଟକ-ଭୁବନେଶ୍ୱର ଦେଇ ଯାଇଥିବା ଜାତୀୟ ରାଜପଥରେ ଏହି ଚଢ଼ାଉ କରାଯାଇଥିଲା।

## ସରିଲା ସାତସାହି କଟକ ନୃତ୍ୟୋତ୍ସବ

**କଟକ,୨୮।୧୨(ଶିଳ୍ପା ପ୍ରିୟଦର୍ଶିନୀ)**



କଟକ ଯୋବ୍ରାସ୍ଥିତ ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟିଭି ଇନ୍‌ଷ୍ଟିଚ୍ୟୁଟ୍ ଅଡିଟୋରିୟମରେ ୩ ଦିନିଆ ୧୫ତମ ସାତସାହି କଟକ ନୃତ୍ୟୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଉଦ୍‌ଘାଟକ ଭାବେ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ଅତିଥି ଭାବେ ବିପିନ ବିହାରୀ ରାଉତ, ଡ. ରଞ୍ଜନ କୁମାର ବିଶ୍ୱାଳ, ଡ. ସଞ୍ଜୟ ବେହେରା, ଶିକ୍ଷାବିତ୍ ତ୍ରିଦେବ ବେହେରା, ଦେବେନ୍ଦ୍ର ସାହୁ, ଇଂ. ସଞ୍ଜୟ ମହାନ୍ତି, କର୍ପୋରେଟର ଗଗନ ଓଝା, ସଙ୍ଗୀତ ନିର୍ଦ୍ଦେଶକ ଦିଲୀପ କୁମାର ଜେନା ଯୋଗଦେଇଥିଲେ। କମିଟି ଉପଦେଷ୍ଟା ସୁନୀଲ କୁମାର ମୁରାରାକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କମିଟି ସମ୍ପାଦକ ଦୀପେଶ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଜିଲାସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ଅନୁଷ୍ଠାନର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କମିଟିର ସହ ସମ୍ପାଦକ ପାର୍ଥସାରଥି ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏଥିରେ କମିଟି ସଭାପତି ଡା. ଦୁର୍ଗାଚରଣ ଦାଶ, ଉଲ୍ଲାସ ସେନ, ସବିତା ମହାନ୍ତି, ପଦ୍ମାଳୟା ବ୍ରହ୍ମଚାରୀ, ରଶ୍ମିରଞ୍ଜନ ତ୍ରିପାଠୀ, ରାଜେଶ ଦାସ, ଜିତେନ୍ଦ୍ର ପ୍ରସାଦ, ବିନୋଦ ଦାସ, ସୁଶାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କର୍କଟ, ଥାଲାସେମିଆ ପୀଡିତ, ଅନାଥ ଓ ଦିବ୍ୟାଙ୍ଗ ପିଲାଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଉତ୍ସର୍ଗୀକୃତ ହୋଇଥିଲା।

## ପ୍ରବୀଣ ତୋଗାଡ଼ିଆଙ୍କୁ ମଦନଲାଲ ଧିଙ୍ଗ୍ରା ପୁରସ୍କାର



କାର୍ଯ୍ୟକ୍ରମରେ ଡ. ପ୍ରବୀଣ ତୋଗାଡ଼ିଆଙ୍କୁ ପୁରସ୍କୃତ କରାଯାଉଛି।

**କଟକ,୨୮।୧୨(କାର୍ତ୍ତିକ ସାହୁ)**

କଟକସ୍ଥିତ ବୀର ସଭରକର ଫାଉଣ୍ଡେଶନ ପକ୍ଷରୁ ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦର ଅଧ୍ୟକ୍ଷ ଡ. ପ୍ରବୀଣ ତୋଗାଡ଼ିଆଙ୍କୁ ଚଳିତବର୍ଷର କ୍ରାନ୍ତିକାରୀ ମଦନଲାଲ ଧିଙ୍ଗ୍ରା ପୁରସ୍କାର ପ୍ରଦାନ କରାଯାଇଛି। ତୁଳସୀପୁର ମଧୁସୂଦନ ନଗରସ୍ଥିତ ଫାଉଣ୍ଡେଶନର ମୁଖ୍ୟାଳୟରେ ଶନିବାର ଆୟୋଜିତ କାର୍ଯ୍ୟକ୍ରମରେ ଡ. ତୋଗାଡ଼ିଆ ପୁରସ୍କାର ଗ୍ରହଣ କରି କହିଛନ୍ତି, ଜନସଂଖ୍ୟା ନିୟନ୍ତ୍ରଣ ଆଇନ କଡ଼ାକଡ଼ି ପାଳନ କରାଯିବା ସହ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଦେଶରୁ ବିଦା କରିବାର ଆବଶ୍ୟକତା ରହିଛି। ସାମ୍ପ୍ରତିକ ପରିସ୍ଥିତିରେ ବୀର ସଭରକରଙ୍କ ବିଚାର ଅତ୍ୟନ୍ତ ପ୍ରାସଙ୍ଗିକ ବୋଲି ସେ କହିଛନ୍ତି। ଫାଉଣ୍ଡେଶନର ସାଧାରଣ ସମ୍ପାଦକ ଇଂ. ଶ୍ୟାମସୁନ୍ଦର ପୋଦ୍ଦାର ସଙ୍ଗଠନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସଭାପତି ପ୍ରହଲ୍ଲାଦ ଖଣ୍ଡେଲୱାଲ୍ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ।

## ଦିଆସିଲି କାଠିରେ କଟକଚଣ୍ଡୀ ମନ୍ଦିର ପ୍ରକଳ୍ପର ମଡେଲ

**କଟକ, ୨୮।୧୨(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ଖାନ୍‌ନଗର ଅଞ୍ଚଳର ଶିଳ୍ପୀ ସ୍ମୃତିରଞ୍ଜନ ମହାନ୍ତି ଚଣ୍ଡୀ ମନ୍ଦିର ପ୍ରକଳ୍ପର ମଡେଲ ତିଆରି କରିଛନ୍ତି। ଏଥିରେ ଦୁଇ ପ୍ୟାକେଟ୍ ଦିଆସିଲି କାଠି, କାଗଜ ଓ ନିମନ୍ତ୍ରଣ କାର୍ଡ ବ୍ୟବହାର କରାଯାଇଛି। ଏହି ମଡେଲର ଉଚ୍ଚତା ୭ ସେମି ଓ ଚଉଡା ୩୦ ସେମି ରହିଛି। ଏନେଇ ସ୍ମୃତି କହିଛନ୍ତି, କଟକର ଆରାଧ୍ୟ ଦେବୀ ମା' କଟକଚଣ୍ଡୀଙ୍କ ମନ୍ଦିର ପ୍ରକଳ୍ପର କାର୍ଯ୍ୟ ଜାରି ରହିଛି। ତାହାକୁ ନଜରରେ ରଖି ଏହି ମଡେଲ ତିଆରି କରିଛି। ଏହାକୁ ତିଆରି କରିବା ପାଇଁ ୪ଦିନ ସମୟ ଲାଗିଛି।



## 'ବିଶ୍ୱନାଥ ପଶାୟତ ଥିଲେ ତ୍ୟାଗପୂତ ବ୍ୟକ୍ତିତ୍ୱ'

**କଟକ,୨୮।୧୨(କାର୍ତ୍ତିକ ସାହୁ)**

ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଶାୟତଙ୍କ ସ୍ମୃତିରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ଏକ ସାରସ୍ୱତ ସମାରୋହ କଟକ ସାରଳା ଭବନରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ଡ. ବିଶ୍ୱଭୂଷଣ ହରିଚନ୍ଦନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବିଶ୍ୱନାଥ ପଶାୟତ ଜଣେ ତ୍ୟାଗପୂତ ବ୍ୟକ୍ତିତ୍ୱ ଥିଲେ ବୋଲି କହିଛନ୍ତି। ସଂସଦର ସଭାପତି ଡ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ପ୍ରଫେସର ହରେକୃଷ୍ଣ ଶତପଥୀ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଶାସକ ସୁଦର୍ଶନ ନାୟକ ଓ ବିଶିଷ୍ଟ ଅତିଥି ଭାବେ ସାହିତ୍ୟିକ ସହଦେବ ସାହୁ ଯୋଗଦେଇ ପଶାୟତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ କବି ରମାକାନ୍ତ ଜେନା ଏବଂ ଡ. ରଘୁନାଥ ମେହେରଙ୍କୁ ବିଶ୍ୱନାଥ ପଶାୟତ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ସଂସଦର ସମ୍ପାଦକ ଡା. ନିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ, ସଞ୍ଜିତ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ, ଡ. ବିରଞ୍ଚି କୁମାର ସାହୁ ଓ ସୋହାଗିନୀ ବେହେରା ମାନପତ୍ର ପାଠ କରିଥିଲେ। ପ୍ରଫେସର ଡକ୍ଟର ସତ୍ୟନାରାୟଣ ପଣ୍ଡା ସମାପନୀ ବକ୍ତବ୍ୟ ଦେଇଥିଲେ। ବ୍ରଜ କିଶୋର ବେଉରା ଓ ପୂର୍ଣ୍ଣ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସାରଳା ସାହିତ୍ୟ ସଂସଦ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପୁରସ୍କୃତ ବ୍ୟକ୍ତିବୃନ୍ଦ।

